ଷୋଡ଼ଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

ତେଜସ୍ୱିନୀ

Page - 08 Rs. 7.00

ବର୍ଷ-୧୬, ସଂଖ୍ୟା-୩୨, ଭୁବନେଶ୍ୱର: ଅଗଷ୍ଟ ୧୮-୨୪, ୨୦୨୫ Vol-16, Issue-32, Bhubaneswar : August 18-24, 2025

RNI NO.ODIODI/2010/33715

# ସ୍ୱାଧୀନତା ଦିବସରେ ପତାକା ଉତ୍ତୋଳନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର ୭୯ତମ ସ୍ୱାଧୀନତା ଦିବସ ଅବସରରେ ଭୁବନେଶ୍ୱରର ଗାନ୍ଧୀ ମାର୍ଗଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଟି କମ୍ଭପାଟି, ମନ୍ତ୍ରୀମାନେ, ବରିଷ୍ଠ ଅଧିକାରୀ ଏବଂ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ।

ସମ୍ବୋଧନରେ ମୁଖ୍ୟମନ୍ତ୍ରୀ ମାଝୀ ସଙ୍ଗଠିତ ଅପରାଧ ଦମନ ଓ ମହିଳା ସୁରକ୍ଷା ଉପରେ ଗୁରୁତ୍ୱ ଦେଇଛନ୍ତି। ସେ କହିଛନ୍ତି, "ମହିଳାଙ୍କ ବିରୋଧରେ ହିଂସା କରୁଥିବା ବ୍ୟକ୍ତି, ଯେତେ ଶକ୍ତିଶାଳୀ ହୁଉନ୍ତୁ, ଛଡ଼ାଯିବ ନାହିଁ। ସେମାନଙ୍କ ସ୍ଥାନ ସମାଜରେ ନୁହେଁ, ଜେଲ୍‌ରେ।" ମହିଳା ସୁରକ୍ଷା ପାଇଁ ସରକାରର 'ଶୂନ୍ୟ ସହନଶୀଳ' ନୀତିକୁ ଜୋରଦାର କରିବା ସହ ଏଥିପାଇଁ ପୋଲିସକୁ କ୍ଷମତା ଦିଆଯାଇଥିବା ସେ ଉଲ୍ଲେଖ କରିଛନ୍ତି। ଅବହେଳା କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ନିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ରାଜ୍ୟରେ ଆଇନଶୃଙ୍ଖଳା ମୋଟାମୋଟି ନିୟନ୍ତ୍ରଣାଧୀନ ରହିଛି, ତଥାପି ଏହାକୁ ଆହୁରି ପ୍ରଭାବୀ କରିବା ପାଇଁ ପଦକ୍ଷେପ ନିଆଯିବ। ସେ ଅପରାଧ ବୃଦ୍ଧିର ମୁଖ୍ୟ କାରଣ ଭାବେ ନିଶା କାରବାରକୁ ଚିହ୍ନଟ କରି ଏହା ନିୟନ୍ତ୍ରଣ ପାଇଁ କଠୋର ବ୍ୟବସ୍ଥା ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମାରୋହରେ ସ୍କୁଲ-କଲେଜ ଓ ପୁଲିସ ବାହିନୀର କଣ୍ଟିଜେଣ୍ଟ ଅଂଶଗ୍ରହଣ କରି ଚିତ୍ତାକର୍ଷକ ପରେଡ ପ୍ରଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସରକାର ମାନୁଛନ୍ତି ଯେ ଟିକସ ହ୍ରାସ ହେତୁ ପ୍ରାରମ୍ଭିକ ଭାବେ ରାଜସ୍ୱରେ କିଛି କ୍ଷତି ହୋଇପାରେ। କିନ୍ତୁ ଅଧିକ ବିକ୍ରି ଏବଂ ଉନ୍ନତ ଟିକସ ଅନୁପାଳନ ଦ୍ୱାରା ଏହା ପୂରଣ ହେବ। ଏହି ସଂସ୍କାର ଗ୍ରାହକଙ୍କ ଖର୍ଚ୍ଚ ବୃଦ୍ଧି କରି ଅର୍ଥନୀତିକୁ ପ୍ରୋତ୍ସାହନ ଦେବ ବୋଲି ଆଶା କରାଯାଉଛି। ଏହା ସହିତ ଏମ୍‌ଏସ୍‌ଏମ୍‌ଇ (କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ) ଏବଂ ମଧ୍ୟମ ଓ ନିମ୍ନ ଆୟ ଗୋଷ୍ଠୀଙ୍କ ପାଇଁ ମଧ୍ୟ ଏହି ନୂଆ ଯୋଜନା ଲାଭଦାୟୀ ହେବ।

## ୧୧ ଜିଲ୍ଲାକୁ ଅତିରିକ୍ତ ୫ କେଜି ଚାଉଳ ମାଗଣା

ଭୁବନେଶ୍ୱର: ୭୯ତମ ସ୍ୱାଧୀନତା ଦିବସ ଅବସରରେ ଭୁବନେଶ୍ୱରର ଗାନ୍ଧୀ ମାର୍ଗରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ରାଜ୍ୟବାସୀଙ୍କ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଟି. କମ୍ଭପାଟି, ମନ୍ତ୍ରୀମାନେ, ବରିଷ୍ଠ ଅଧିକାରୀ ଓ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ ଗରିବ କଲ୍ୟାଣ ଅନ୍ନ ଯୋଜନା ଅଧୀନରେ ୧୧ଟି ଜିଲ୍ଲାର ୨୭ ଲକ୍ଷରୁ ଅଧିକ ପରିବାରକୁ ୩ ମାସ ପାଇଁ ଅତିରିକ୍ତ ୫ କେଜି ଚାଉଳ ମାଗଣାରେ ଯୋଗାଇ ଦିଆଯିବ। ଏହି ଯୋଜନା ୮ଟି କେବିକେ ଜିଲ୍ଲା (କଳାହାଣ୍ଡି, ବଲାଙ୍ଗୀର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା, ସୁବର୍ଣ୍ଣପୁର) ସହ ବୌଦ୍ଧ, ଗଜପତି ଓ କନ୍ଧମାଳ ଜିଲ୍ଲାକୁ ସାମିଲ କରାଯାଇଛି। ମୋଟ ୪୧,୦୮୨ ମେଟ୍ରିକ ଟନ୍ ଚାଉଳ ବଣ୍ଟନ ପାଇଁ ରାଜ୍ୟ ସରକାର ନିଜ ପାଣ୍ଠିରୁ ପ୍ରାୟ ୧୮୦ କୋଟି ଟଙ୍କା ଖର୍ଚ୍ଚ କରିବେ। ସେହିପରି ମୁଖ୍ୟମନ୍ତ୍ରୀ ଆଗାମୀ ୫ ବର୍ଷରେ ୭୫,୦୦୦ କିଲୋମିଟର ଉଚ୍ଚମାନର ସଡ଼କ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହା ସହ ଇଞ୍ଚୁଡ଼ି, ବାହୁଡ଼ା, ସୁବର୍ଣ୍ଣରେଖା ଓ ଅସ୍ତରଙ୍ଗରେ ୪ଟି ନୂଆ ବନ୍ଦର ନିର୍ମାଣ ପାଇଁ ଯୋଜନା ଘୋଷଣା କରିଛନ୍ତି, ଯାହା ରାଜ୍ୟର ଅର୍ଥନୀତି ଓ ସଂଯୋଗିକତାକୁ ମଜଭୁତ କରିବ। ରାଜ୍ୟର ମାତ୍ର ୧୭% ଜନସଂଖ୍ୟା ସହରାଞ୍ଚଳରେ ରହୁଥିବାରୁ ଦ୍ରୁତ ବିକାଶ ଓ ଅଭିବୃଦ୍ଧି ପାଇଁ ୨୧ଟି ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ (ଘଇଉ) ଗଠନ କରାଯିବ। ଏହା ସହରୀକରଣ ଓ ସ୍ଥାନୀୟ ପ୍ରଶାସନକୁ ଆହୁରି ସୁଦୃଢ଼ କରିବ।

## ବୋର୍ଡ ଉପସଭାପତି ହେଲେ ଅମୂଲ୍ୟ ପ୍ରଧାନ

ଭୁବନେଶ୍ୱର ସେସ୍ପାଲ୍ ଓଟିଇଟି ପ୍ରଶ୍ନ ଲିକ୍ ଘଟଣାରେ ନିହାର ରଞ୍ଜନ ମହାନ୍ତି ଗିରଫ ହେବା ପରେ ଖାଲି ପଡ଼ିଥିବା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ଉପସଭାପତି ପଦବିରେ ରାଜ୍ୟ ସରକାର ନୂତନ ନିଯୁକ୍ତି ଦେଇଛନ୍ତି। ଉକ୍ତ ପଦବୀରେ ସମ୍ବଲପୁରସ୍ଥିତ ଆଞ୍ଚଳିକ ନିର୍ଦ୍ଦେଶକ ଅମୂଲ୍ୟ କୁମାର ପ୍ରଧାନଙ୍କୁ ନିଯୁକ୍ତି ମିଳିଛି। ସେହିପରି ବୋର୍ଡର ପରୀକ୍ଷା ନିୟନ୍ତ୍ରକ (ଏକଜାମିନେସନ୍ ଅଫ୍ କଣ୍ଟ୍ରୋଲର) ଦାୟିତ୍ୱରେ ଥିବା ଅମ୍ରିତା ପ୍ରୀତିନନ୍ଦାଙ୍କୁ ବଦଳି କରାଯାଇଛି। ଉକ୍ତ ସ୍ଥାନରେ ନବରଙ୍ଗପୁର ଜିଲ୍ଲାର ଅତିରିକ୍ତ ଶିକ୍ଷାଧିକାରୀ ଚକ୍ରଧର ବେହେରାଙ୍କୁ ଅବସ୍ଥାପିତ କରାଯାଇଛି। ଶ୍ରୀ ବେହେରାଙ୍କୁ ବୋର୍ଡର ଡେପୁଟି କଣ୍ଟ୍ରୋଲର୍ ଭାବେ ନିଯୁକ୍ତ ଦିଆଯାଇଥିଲେ ହେଁ ସେ କଣ୍ଟ୍ରୋଲର ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

ସୂଚନାଯୋଗ୍ୟ, ବୋର୍ଡ ଦ୍ୱାରା ପରିଚାଳିତ ସ୍ପେସାଲ୍ ଓଟିଇଟି ହେବା ଆଗରୁ ପୂର୍ବତନ ଉପସଭାପତି ନିହାରଙ୍କ ଲାପ୍‌ଟପ୍‌ରୁ ପ୍ରଶ୍ନ ଚୋରି ହୋଇଥିଲା। ଉକ୍ତ ଘଟଣାରେ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର୍ ଜିତନ ମହାରଣା ଚୋରି କରି ବାହାରେ ଶିକ୍ଷକ ସଂଘ ନେତାମାନଙ୍କୁ ବିକ୍ରି କରି ମୁନାଫା କମାଇଥିଲା। ଲାପ୍‌ଟପ୍‌ରୁ ଚୋରି କରିଥିବା ଅଭିଯୁକ୍ତ ଜିତନ ସହ ନିହାରଙ୍କ ସମ୍ପୃକ୍ତି ଥିବାର କ୍ରାଇମ୍‌ବ୍ରାଞ୍ଚ୍ ତଦନ୍ତରୁ ଜାଣିବାକୁ ପାଇଥିଲା। ତେଣୁ ଜିତନ ଗିରଫ ପରେ ନିହାର ମଧ୍ୟ ଗିରଫ ହୋଇ ଜେଲ୍ ଯାଇଥିଲେ। ଫଳରେ ଗତ ୩ ତାରିଖରୁ ଉପସଭାପତି ପଦବି ଖାଲି ପଡ଼ିଥିଲା। ତେଣୁ ସ୍ଥଗିତ ଥିବା ସ୍ପେସାଲ୍ ଓଟିଇଟି ପରୀକ୍ଷା ପ୍ରସ୍ତୁତି ସମେତ ଅନ୍ୟାନ୍ୟ ପରୀକ୍ଷା ପ୍ରସ୍ତୁତି ଓ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ପ୍ରକାଶନ ଆଦିରେ ସମସ୍ୟା ଉପୁଜିଛି। ପରୀକ୍ଷା ଆୟୋଜନ ଓ ପ୍ରଶ୍ନ ପ୍ରସ୍ତୁତି ଆଦିରେ ବିଳମ୍ବକୁ ନେଇ ନିକଟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ସମୀକ୍ଷା କରାଯାଇଥିଲା। ଆଗକୁ ହେବାକୁ ଥିବା ସ୍ପେସାଲ୍ ଓଟିଇଟି ଓ ମାଟ୍ରିକ୍ ସପ୍ଲିମେଣ୍ଟାରୀ ଫଳ ପ୍ରକାଶ ଆଦି ଅନ୍ୟାନ୍ୟ ପରୀକ୍ଷା ସମ୍ପର୍କିତ ଜରୁରି କାର୍ଯ୍ୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବୋର୍ଡ ଉପସଭାପତି ପଦବି ପୂରଣ କରିବା ସହ ବୋର୍ଡର କଣ୍ଟ୍ରୋଲର୍‌ଙ୍କୁ ବଦଳାଇ ଅନ୍ୟ ଜଣେ ନୂଆ ଅଧିକାରୀଙ୍କୁ ଇନ୍ ?ଚାର୍ଜ ଭାବେ ଅବସ୍ଥାପିତ କରାଇଛନ୍ତି। କଣ୍ଟ୍ରୋଲର୍‌ଙ୍କ ପ୍ରକୋଷ୍ଠରେ ଅଭିଯୁକ୍ତ ଜିତନ ବସି କମ୍ପ୍ୟୁଟରରେ ପ୍ରଶ୍ନକୁ ଟାଇପ୍ କରି ବାହାରେ ବିକ୍ରି ଥିବାରୁ ସମ୍ପୃକ୍ତ ଅଧିକାରୀ ମଧ୍ୟ ବିବାଦରେ ଥିଲେ। କ୍ରାଇମ୍‌ବ୍ରାଞ୍ଚ୍ ଇତିମଧ୍ୟରେ କଣ୍ଟ୍ରୋଲର୍‌ଙ୍କ ପ୍ରକୋଷ୍ଠରେ ଦୁଇ ଥର ଚଢ଼ଉ କରି ଦୁଇଟି କମ୍ପ୍ୟୁଟର ଜବତ କରିବା ସହ ଏକାଧିକ ପେନ୍‌ଡ୍ରାଇଭ୍ ଜବତ କରିଥିଲା। ଏଥିଲାଗି ପ୍ରଶ୍ନ ଚୋରି ଘଟଣାରେ କ୍ରାଇମ୍‌ବ୍ରାଞ୍ଚ୍ କଣ୍ଟ୍ରୋଲରଙ୍କୁ ତଦନ୍ତ ପରିସରକୁ ଆଣି ପଚରା ଉଚରା କରିଥିଲା ।

## ଚୀନ ତିଆରି କଲା 'ମ୍ୟାଜିକ୍‌ବଟ୍'

ନୂଆଦିଲ୍ଲୀ : ବଡ଼ ବଡ଼ କମ୍ପାନୀଠାରୁ ନେଇ ଛୋଟ ଫ୍ୟାକ୍ଟ୍ରି ଯାଏଁ ବଢ଼ିଛି ରୋବଟ୍‌ଙ୍କ ଆଧିପତ୍ୟ। ଏବେ ଗରିବ ଖଟିଖିଆଙ୍କ ଚାକିରି ଖାଇବ ରୋବଟ୍। ବାହୁବଳୀ ରୋବଟ୍ ତିଆରି କଲା ଚୀନ। ୨୫୦ କିଲୋ ଓଜନର ଉଠାଉଛି ଜିନିଷ। ଚୀନର ମ୍ୟାଜିକଲ୍ୟାବ କମ୍ପାନୀ ଏହାକୁ ତିଆରି କରିଛି। ଏହାର ନାମ 'ମ୍ୟାଜିକ୍‌ବଟ୍' ରଖାଯାଇଛି। ଅଧିକ ଓଜନର ଜିନିଷ ଉଠାଇବାକୁ ଏବେ ଏହାକୁ ଚୀନର ଫ୍ୟାକ୍ଟ୍ରିରେ ବ୍ୟବହାର କରାଯାଉଛି। ଏହି ରୋବଟ୍‌ର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି। ରୋବୋଟିକ୍ସ ଦୁନିଆରେ ଚୀନ ଶିଖର ଛୁଇଁଛି। ନିଜ ଦେଶରେ ରୋବଟ୍ ମଲ୍ ତିଆରି କରିଛି। ଏବେ ଚୀନର ଏକ ଷ୍ଟାର୍ଟଅପ୍ କମ୍ପାନୀ ମ୍ୟାଜିକଲ୍ୟାବ୍ 'ମ୍ୟାଜିକବଟ୍' ନାମରେ ଏକ ରୋବଟ୍ ତିଆରି କରିଛି। ଏହି ରୋବଟ୍ ୨୫୦ କିଲୋ ଓଜନର ଜିନିଷ ଉଠାଇ ପାରିବ। ହାଲୁକା ଓଜନ ସହିତ ଏହାର ଗତି ପ୍ରତି ସେକେଣ୍ଡ୍ ପିଛା ୦.୭ ମିଟର ଥିଲା। ଏବେ ଅଧିକ ଓଜନ ସହ ରୋବଟ୍‌ର ଗତି ୦.୩ ମିଟର ରହିଛି। ଏହି ରୋବଟ୍ ଜିନିଷ ଉଠାଇବା ସହ ଅନେକ ପ୍ରକାରର କାମ କରିବାରେ ମାହିର। ମ୍ୟୁଜିକବଟ୍ ତୃତୀୟ ପୀଢ଼ିର ଏଆଇ ରୋବଟ୍। ଏହା ଫ୍ୟାକ୍ଟ୍ରିରେ କାମ କରିବା ସହ ଜିନିଷ ଉଠାଇବା, ପ୍ରଡକ୍ଟର ଯାଞ୍ଚ କରିବା, ସ୍କାନିଂ କରିବା ସହ ଗୋଦାମରେ କାମ କରିପାରିବ। ଏହା ଘରୋଇ କାମ ଯେପରିକି, କପଡ଼ା ଭାଙ୍ଗି ରଖିବା, ଗଛରେ ପାଣି ଦେବା, ଓ ଯାଦୁ ଦେଖାଇ ପାରିବ। ଏହା ମଣିଷଙ୍କ ଭଳି ହଲିଝୁଲି ପାରିବ। ଏଥିରେ ଆର୍‌ଜିବିଡି କ୍ୟାମେରା, ଫିସ୍‌ଆଇ କ୍ୟାମେରା ଓ ଅଲ୍ଟ୍ରାସୋନିକ ସେନ୍ସର ଲାଗିଛି। ଯାହାକି ଏହାକୁ ଚତୁର୍ଦ୍ଦିଗକୁ ଦେଖି ଅନୁଭବ କରିପାରିବ। ନିଜେ ନିଜେ ରାସ୍ତା ପାର୍ କରିପାରିବ। ଏହାର ବ୍ୟାଟେରୀ ୫ ଘଣ୍ଟା ଯାଏଁ ଚାର୍ଜ ରଖିବ। ଏଆଇ ସାହାଯ୍ୟରେ ଏହାକୁ ସଂଚାଳନ କରାଯାଇ ପାରିବ।

## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାକାରୀଙ୍କୁ ଧରାଯିବ

ଭୁବନେଶ୍ୱର: ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାକାରୀଙ୍କୁ ଧରାଯିବା ଉପରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଯେଉଁ କମିସନ ବସିଥିଲା ତାହାର ଏବେ ତର୍ଜମା କରାଯାଉଛି। ଆଇନ ବିଭାଗ, ଆଇନ ବିଶାରଦମାନେ ତର୍ଜମା କରୁଛି। ଉପଯୁକ୍ତ ସମୟରେ ଉପଯୁକ୍ତ ନିଷ୍ପତ୍ତି ନିଆଯିବ। ଯେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ସେ ଦିଗରେ ପରାମର୍ଶ ନିଆଯାଉଛି। କଂଗ୍ରେସ ମଧ୍ୟ ଲକ୍ଷ୍ମଣାନନ୍ଦଙ୍କ ହତ୍ୟାର ଫାଇଲ୍ ଖୋଲିବାକୁ ଚାହୁଁଥିବା ପ୍ରଶ୍ନର ଜବାବରେ ବିଜେପି ରାଜ୍ୟ ସଭାପତି କହିଛନ୍ତି, କଂଗ୍ରେସ କଣ ଡିମାଣ୍ଡ କରୁଛି, ତାହା ବଡ଼ କଥା ନୁହେଁ, ବିଜେପି ଯାହା ସଂକଳ୍ପ ନେଇଛି ତାହା କରିବ।

ବିଜେପି ବିଧାୟକ ବାବୁ ସିଂ କହିଛନ୍ତି, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାକାରୀମାନଙ୍କୁ ମାଟି ତଳୁ ଖୋଜି ବାହାର କରିବ ବିଜେପି ସରକାର। ୧୮ ବର୍ଷ ହୋଇଗଲା। ହତ୍ୟାକାରୀମାନେ ବାହାରେ ବୁଲୁଛନ୍ତି। ବିଜେପି ସରକାର ଦାୟିତ୍ୱ ନେବାର ବର୍ଷେ ହେଲା। ଏ ସରକାର ହତ୍ୟାକାରୀ, ଆସାମୀମାନଙ୍କୁ ଧରିବ। ହତ୍ୟାରେ ସଂଶ୍ଳିଷ୍ଟ ବା ସଂପୃକ୍ତ ଥିବା ଷଡ଼ଯନ୍ତ୍ରକାରୀମାନେ ଧରପଡ଼ିବେ। ସେମାନଙ୍କ ବିରୁଦ୍ଧରେ ତଦନ୍ତ ଚାଲିଛି। ମାଟି ତଳେ ଥିଲେ ବି ହତ୍ୟାକାରୀମାନଙ୍କୁ ବାହାର କରାଯିବ।

ତେଜସ୍ୱିନୀ

ବିଶେଷ ଦୃଷ୍ଟି ଆକର୍ଷଣ

- ଚିକ୍‌ମଗଲୁର
- ଦୁର୍ମୂଲ୍ୟ ମାଛ
- ପୁଅ ବି ପିନ୍ଧନ୍ତି ଜୁଏଲାରୀ
- ଅସମାହିତ ପ୍ରଶ୍ନ

# ଭାରତୀୟ ସଂସ୍କୃତିର ବିକାଶ

ବିଭିନ୍ନ କାହାଣୀକୁ ବ୍ୟବହାର କରି ଇଂରେଜମାନେ ଦୀର୍ଘଦିନ ଧରି ଉପନିବେଶବାଦକୁ ଯୁକ୍ତିଯୁକ୍ତ ସାବ୍ୟସ୍ତ କରିଥିଲେ। ୧୮୫୭ ବିଦ୍ରୋହ ପୂର୍ବରୁ ସେମାନେ କହିଥିଲେ ଯେ, ଇଂରେଜମାନେ ମୁସଲମାନ ଶାସକଙ୍କ ଦମନରୁ ହିନ୍ଦୁଧର୍ମକୁ ରକ୍ଷା କରୁଛନ୍ତି। ଏହା ସହ ମିଛ ପ୍ରଚାର କରୁଥିଲେ ଯେ, ଆଫଗାନିସ୍ତାନରେ କମ୍ପାନୀର ସ୍ୱାର୍ଥ ପାଇଁ ସେମାନେ ଭାରତୀୟ ସୈନ୍ୟଙ୍କୁ ବ୍ୟବହାର କରୁନାହାନ୍ତି, ବରଂ ହଜାର ବର୍ଷ ପୂର୍ବରୁ ଗଜନୀର ମହମ୍ମଦ ଚୋରି କରି ନେଇଯାଇଥିବା ସୋମନାଥ ମନ୍ଦିରର କବାଟଗୁଡ଼ିକୁ ପାଇବା ଲାଗି ସେମାନଙ୍କୁ କାମରେ ଲଗାଉଛନ୍ତି। ୧୮୫୭ ବିଦ୍ରୋହ ପରେ ସ୍ୱାଧୀନତା ସଂଗ୍ରାମ ଓ ଜାତୀୟତାବାଦ ଅଧିକ ଦାନା ବାନ୍ଧିଥିଲା। ସେହି ସମୟରେ ଇଂରେଜମାନେ କହିଥିଲେ, ବ୍ରାହ୍ମଣମାନେ ଜାତି, ସତୀ ଏବଂ ବାଲ୍ୟବିବାହ ଭଳି କୁତ୍ସିତ ପରମ୍ପରାଗୁଡ଼ିକୁ ସମାଜ ଉପରେ ଲଦି ଦେଇଥିବାବେଳେ ସେମାନେ ହିଁ ଭାରତକୁ ସଭ୍ୟତା ଆଣିଛନ୍ତି। ଏଭଳି ପ୍ରଚାର ଯୋଗୁ ବେଙ୍ଗଲୀ ବୁଦ୍ଧିଜୀବୀମାନେ ଇଂଲିଶ୍ ଓ ଖ୍ରୀଷ୍ଟିଆନ ଧର୍ମ ଦ୍ୱାରା ପ୍ରଭାବିତ ହୋଇଥିଲେ ଏବଂ ହିନ୍ଦୁପ୍ରଥାକୁ ବିରୋଧ କରିବା ସହ ସମାଲୋଚନା ଆରମ୍ଭ କରିଦେଇଥିଲେ ଏବଂ ସଂସ୍କାର ଅଭିଯାନ ଚଳାଇଥିଲେ। ସଂସ୍କାର ଅଭିଯାନ ରୂଢ଼ିବାଦୀଙ୍କୁ କ୍ରୋଧିତ କରିଥିଲା। ୧୮୯୪ରେ ଚନ୍ଦ୍ରନାଥ ବସୁ 'ହିନ୍ଦୁତ୍ୱ' ଶବ୍ଦ ଉଚ୍ଚାରଣ ସହ ଦୃଢ଼ତାର ସହ କହିଥିଲେ ଯେ, ବେଦର ସିଦ୍ଧାନ୍ତ ଓ ବାଣୀ ଅନୁଯାୟୀ ହିନ୍ଦୁମାନେ ଆର୍ଯ୍ୟ ବା ସଭ୍ୟ ଏବଂ ହିନ୍ଦୁଙ୍କ ପରମ୍ପରାଗୁଡ଼ିକରେ କୌଣସି ସଂସ୍କାରର ଆବଶ୍ୟକତା ନାହିଁ।

୧୮୬୦ ଦଶକରେ, 'ଆର୍ଯ୍ୟ ଜାତି' ଶବ୍ଦ ୟୁରୋପୀୟ ବୁଦ୍ଧିଜୀବୀଙ୍କ ପରିସରରେ ସୃଷ୍ଟି ହୋଇଥିଲା ଏବଂ ଏହା ମ୍ୟାକ୍ସ ମୁଲର ପାଇଁ ସମ୍ଭବ ହୋଇଥିଲା। ପ୍ରାରମ୍ଭିକ ସ୍ତରରେ ଆର୍ଯ୍ୟ ଶବ୍ଦ କେବଳ ଭାରତ-ଇରାନୀୟଙ୍କ ପାଇଁ ବ୍ୟବହାର ହେଉଥିଲା। ପରେ ଯେତେବେଳେ ଭାଷାବିତ୍‌ମାନେ ଲାଟିନ୍ ଓ ସଂସ୍କୃତ ମଧ୍ୟରେ ସମ୍ପର୍କ ଥିବା ଦେଖିଥିଲେ, ସେତେବେଳେ ଆର୍ଯ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ସମ୍ପର୍କ ଅଛି ବୋଲି ସିଦ୍ଧାନ୍ତରେ ପହଞ୍ଚିଲେ। ଅର୍ଥାତ୍ ଭାରତକୁ ଶାସନ କରୁଥିବା ଇଂରେଜମାନେ ଭାରତୀୟଙ୍କ ଦୂର ସମ୍ପର୍କୀୟ। ଏହାକୁ ନେଇ ଭାରତୀୟ ପ୍ରତିଷ୍ଠିତ କୁଳୀନ ବର୍ଗ ଭାବିଥିଲେ ଯେ, ସେମାନଙ୍କ ଶାସକଙ୍କ ସହିତ ସେମାନଙ୍କର ସମ୍ପର୍କ ଅଛି, ଯାହା ପାଇଁ ସେମାନେ ଗର୍ବ ଅନୁଭବ କରିଥିଲେ। କିନ୍ତୁ ଧୀରେ ଧୀରେ ଏହି କାହାଣୀର ରଣନୀତିକ ବାସ୍ତବତା ସାମ୍ନାକୁ ଆସିଲା ଏବଂ ସ୍ୱାଧୀନତା ସଂଗ୍ରାମୀମାନେ ଏଥିରେ ଅସନ୍ତୁଷ୍ଟ ଥିଲେ। ଏହାକୁ ଲକ୍ଷ୍ୟ କରି ଭାରତରେ ଇଂରେଜମାନେ ତିଷ୍ଠି ରହିବା ପାଇଁ ଆଉ ଏକ ନୂଆ କାହାଣୀ ରଚିବା ଆରମ୍ଭ କରିଦେଲେ। ସେମାନେ କହିଥିଲେ, ଅନେକ ହଜାର ବର୍ଷ ପୂର୍ବେ ଆର୍ଯ୍ୟମାନେ ପ୍ରଥମେ ବ୍ରାହ୍ମଣ ଭାବେ ଭାରତରେ ପ୍ରବେଶ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଇଂରେଜ ଭାବେ ଏବେ ପ୍ରବେଶ କରିଛନ୍ତି।

ଲୋକମାନ୍ୟ ତିଳକ ବେଦର ବାକ୍ୟ ବ୍ୟବହାର କରି ଆର୍ଯ୍ୟଙ୍କ ମୂଳ ଜନ୍ମ ସ୍ଥାନ ଉତ୍ତର ଗୋଲାର୍ଦ୍ଧ ବୋଲି ଦର୍ଶାଇଥିଲେ। ଭାରତୀୟଙ୍କୁ ଭାରତ ସମ୍ପର୍କିତ କାହାଣୀସବୁ କହୁଥିବା ବିଦେଶୀଙ୍କୁ ଦୟାନନ୍ଦ ସରସ୍ୱତୀ ଭଲ ପାଉ ନ ଥିଲେ। ସେ କହିଥିଲେ, ପ୍ରକୃତ ମଣିଷ ତ୍ରିଭିସ୍ତପରୁ ଆସିଥିଲେ, ଯାହା ଏବେ ତିବ୍ବତରେ ଅଛି। ଆର୍ଯ୍ୟ କହିଲେ, ସଭ୍ୟ ମଣିଷଙ୍କୁ ବୁଝାଏ ବୋଲି ସେ ଯୁକ୍ତି ଉପସ୍ଥାପନ କରିଥିଲେ। ସ୍ୱାମୀ ବିବେକାନନ୍ଦ ଦୃଢ଼ତାର ସହ କହିଥିଲେ, ବେଦରେ କୌଣସି ବିଦେଶୀ ଦେଶ କଥା ଉଲ୍ଲେଖ ନାହିଁ, ଏହା ବିଂଶ ଶତାବ୍ଦୀର ପ୍ରାରମ୍ଭରେ ହୋଇଛି। ହରପ୍ପା ମଧ୍ୟ ଆବିଷ୍କୃତ ହୋଇ ନ ଥିଲା। ୧୯୨୦ ଦଶନ୍ଧିରେ ହରପ୍ପା ସଭ୍ୟତା ଆବିଷ୍କୃତ ହୋଇଥିଲା। ଏହାର ପତନର କାରଣ ବୁଝାଇବାକୁ ଯାଇ ମର୍ଟିମେର ହ୍ୱିଲର ଆର୍ଯ୍ୟାନ ଇନଭାସନ ଥିଓରି (ଏଆଇଟି-ଅର୍ଥାତ୍ ଆର୍ଯ୍ୟମାନେ ବାହାରୁ ଭାରତକୁ ଆସିଥିବା ସିଦ୍ଧାନ୍ତ) ସାମ୍ନାକୁ ଆଣିଥିଲେ। ଏଥିରେ କୁହାଯାଇଥିଲା ଯେ, ଆର୍ଯ୍ୟମାନେ ସ୍ଥାନୀୟ ଲୋକଙ୍କୁ କ୍ରୀତଦାସ କରି ରଖୁଥିଲେ ଏବଂ ସେମାନଙ୍କୁ ଶୂଦ୍ର କରିଥିଲେ। ଅର୍ଥାତ୍ ସେମାନେ ଆକ୍ରମଣକାରୀ ଥିଲେ। ଏହି ସିଦ୍ଧାନ୍ତ ସ୍ୱାଧୀନତା ସଂଗ୍ରାମରେ କମ୍ପନ ସୃଷ୍ଟି କରିଥିଲା। ନୈତିକ ଦୃଷ୍ଟିରୁ କୁଳୀନ ହିନ୍ଦୁମାନେ, ବିଶେଷକରି ମୂଳବାସିନ୍ଦା ବ୍ରାହ୍ମଣଙ୍କ ପ୍ରତି ଆହ୍ୱାନ ସୃଷ୍ଟି କରିଥିଲା। ବିଆର୍ ଆମ୍ବେଦକର ଏହି ଚିନ୍ତାଧାରାକୁ ଗ୍ରହଣ କରିନେଇଥିଲେ, ଯେଭଳି ନୂଆ କରି ସାମ୍ନାକୁ ଆସିଥିବା ମୁସଲମାନ ଲବି କରିଥିଲା।

ଏହି ସମୟରେ ବୁଦ୍ଧଙ୍କ ବିଷୟରେ ୟୁରୋପୀୟମାନେ ଜାଣିସାରିଥିଲେ ଏବଂ ସେମାନେ ତାଙ୍କୁ 'ଏସିଆର ଆଲୋକ' ଭାବେ ଦେଖୁଥିଲେ। ବୌଦ୍ଧଧର୍ମର 'ସମସ୍ତେ ସମାନ' ବିଚାରଧାରା ହିନ୍ଦୁଧର୍ମର ଜାତି ବ୍ୟବସ୍ଥାର ବିପରୀତ ମନେହେଉଥିଲା। ପ୍ରାଚ୍ୟର ବିଦ୍ୱାନ୍‌ମାନେ ଏହି ବିପରୀତ ବିଚାରଧାରାକୁ ତୀବ୍ର କରିଥିଲେ। ୟୁରୋପୀୟମାନେ ଯୁକ୍ତି ବାଢ଼ିଥିଲେ ଯେ, ବ୍ରାହ୍ମଣମାନେ ବୌଦ୍ଧଧର୍ମକୁ ଧୀରେ ଧୀରେ ହଟାଇ ଦେଇଛନ୍ତି। ବୌଦ୍ଧଧର୍ମ ହିନ୍ଦୁଧର୍ମକୁ ଦୁର୍ବଳ କରିଦେଉଛି ଏବଂ ଏହାର ଶାନ୍ତିବାଦ ସହ ଅହିଂସା ନୀତି ପାଇଁ ଆମେ ଆମ ମିଲିଟାରି ଶକ୍ତି ହରାଇଛୁ ବୋଲି ସଭରକର ବିଶ୍ୱାସ କରୁଥିଲେ। ଏହିସବୁ ସିଦ୍ଧାନ୍ତଗୁଡ଼ିକ ରାଜନୈତିକ ଦୃଷ୍ଟିରୁ ଥିଲା ଅତ୍ୟନ୍ତ ପରିବର୍ତ୍ତନଶୀଳ ଏବଂ ଇତିହାସ ଦୃଷ୍ଟିକୋଣରୁ ଭୁଲ୍। ତଥାପି ସେହିସବୁ ସିଦ୍ଧାନ୍ତଗୁଡ଼ିକ ଏକବିଂଶ ଶତାବ୍ଦୀରେ ଭାରତୀୟ ସମାଜକୁ ଗଢ଼ିଛି। ଏହି ସମୟରେ ଦଳିତ ସାହିତ୍ୟରେ ବ୍ରାହ୍ମଣଙ୍କ ବିରୋଧରେ ଯୁକ୍ତି ଏବଂ ୧୯୯୦ ଦଶନ୍ଧିରେ ୟୁରୋପୀୟଙ୍କ ଦ୍ୱାରା ଉପସ୍ଥାପିତ 'ଆଉଟ ଅଫ୍ ଇଣ୍ଡିଆନ୍ ଥିଓରି'(ଓଆଇଟି), ଅର୍ଥାତ୍ ଭାରତୀୟ ଉପମହାଦେଶର ମୂଳବାସିନ୍ଦା ଆର୍ଯ୍ୟଙ୍କୁ ନେଇ ୟୁରୋପୀୟଙ୍କ ସଂଶୟାତ୍ମକ ତଥ୍ୟର ଉତ୍‌ଥାନ ଏବଂ ହିନ୍ଦୁତ୍ୱକୁ କୋଏନରାଡ ଏଲିଷ୍ଟ ଓ ଡାଭିଡ ଫ୍ରାୱିଲେଙ୍କ ଭଳି ଆମେରିକୀୟଙ୍କ ସମର୍ଥନ ସାମ୍ନାକୁ ଆସିଥିଲା। ଭାରତ ମାନବ ସଭ୍ୟତାର କେନ୍ଦ୍ର ନୁହେଁ ବୋଲି ଦର୍ଶାଇବା ପାଇଁ ସେମାନେ ଷଡ଼ଯନ୍ତ୍ର କରିଥିଲେ। ଆର୍ଯ୍ୟମାନେ ହରପ୍ପା ସଭ୍ୟତାର ପ୍ରତିଷ୍ଠାତା ଥିଲେ ଏବଂ ସେମାନେ ଭାରତରୁ ୟୁରୋପକୁ ଯାଇଥିଲେ ବୋଲି ସେମାନେ ସ୍ୱୀକାର କରୁ ନ ଥିଲେ। ଏବେ ଯେଉଁମାନେ ଏହି ସିଦ୍ଧାନ୍ତକୁ ବିରୋଧ କରୁଛନ୍ତି, ସେମାନେ ଉପହସିତ ଏପରିକି ହିଂସାର ଶିକାର ହେଉଛନ୍ତି।

ନାଜି ଜର୍ମାନୀର ଉତ୍ଥାନରେ ଆର୍ଯ୍ୟଙ୍କ ସହ ୟୁରୋପୀୟଙ୍କ ନିବିଡ଼ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ସମ୍ପ୍ରତି ଆର୍ଯ୍ୟଙ୍କ ଐତିହାସିକ ପୃଷ୍ଠଭୂମି ଉପରେ ଗବେଷଣା ଚାଲିଛି। ପ୍ରତ୍ନତତ୍ତ୍ୱବିତ୍, ଭାଷାବିତ୍ ଏବଂ ଆନୁବଂଶିକ ବୈଜ୍ଞାନିକମାନେ ଏବେ ଦୃଢ଼ ନିଶ୍ଚିତ ଯେ, ଆର୍ଯ୍ୟମାନେ ଭାରତକୁ ଇରାନ ବାଟ ଦେଇ ପାଖାପାଖି ଖ୍ରୀଷ୍ଟପୂର୍ବ ୧୫୦୦ରେ ଆସିଥିଲେ। ସେତେବେଳେ ଜଳବାୟୁ ପରିବର୍ତ୍ତନ ଯୋଗୁ ହରପ୍ପା ସଭ୍ୟତା ପତନ ପରେ ଏବଂ ଖ୍ରୀଷ୍ଟପୂର୍ବ ୧୮୦୦ରେ ରଥ ଆବିଷ୍କାର ହେବା ପରେ ସେମାନେ ଆସିଥିଲେ। ଯେଉଁ ଅଞ୍ଚଳରୁ ସେମାନେ ଆସିଥିଲେ, ତାହାକୁ ଏବେ କାଜାକସ୍ତାନ କୁହାଯାଉଛି। ଏହା ଏକ ଆକ୍ରମଣ ନ ଥିଲା, ବରଂ ଥିଲା ପ୍ରାୟ ପୁରୁଷମାନଙ୍କର ଏକ ପ୍ରବାସନ ବା ସ୍ଥାନାନ୍ତର, ଯାହା ଅନେକ ଶତାବ୍ଦୀ ଧରି ଜାରି ରହିଥିଲା। ପ୍ରବାସନ ସମୟରେ ଆଫଗାନିସ୍ତାନ ନିକଟରେ ସେମାନେ ଏକ ପ୍ରକାର ଉତ୍ତେଜନାବର୍ଦ୍ଧକ ଔଷଧୀୟ ଗଛ ଇଫେଡ୍ରା (ସୋମ) ଦେଖିଥିଲେ। ଏହା ମଧ୍ୟ ସେମାନଙ୍କ ସଙ୍ଗୀତର ଏକ ଅଂଶ ଥିଲା। କିନ୍ତୁ ସେମାନେ ଗଙ୍ଗା ନିକଟରେ ପହଞ୍ଚିବାବେଳକୁ ଏହାର ବିକଳ୍ପ ପାଇଯାଇଥିଲେ। ଘୋଡ଼ା, ରଥ ତିଆରି କୌଶଳ, ଏକ ଦକ୍ଷ ସେନା ଏବଂ ଏକ ଯାଯାବର ଜୀବନଶୈଳୀ ସହ ଆର୍ଯ୍ୟମାନେ ଭାରତକୁ ଏକ ଭାଷା ମଧ୍ୟ ଆଣିଥିଲେ। ଗାଙ୍ଗେୟ ସମତଳ ଅଞ୍ଚଳରେ ଏହି ଭାଷାର କ୍ରମବିକାଶ ଘଟିଥିଲା, ଯାହାକୁ ଏବେ କୁହାଯାଉଛି ବୈଦିକ ସଂସ୍କୃତ। ଧର୍ମ ଶବ୍ଦର ମୂଳ ଅକ୍ଷର 'ଧ'। ଏହା ପୂର୍ବରୁ ଦକ୍ଷିଣ ଏସିଆ ବାହାରେ ଥିବା କୌଣସି ଆର୍ଯ୍ୟ ଭାଷା (ଇଣ୍ଡୋ ୟୁରୋପୀୟ)ରେ ଦେଖିବାକୁ ମିଳେ ନାହିଁ। ଏହି ବୈଦିକ ଭାଷା ଏବଂ ଏହା ସହ ଜଡ଼ିତ ପୁରୋହିତ ସଂସ୍କୃତି ଅନେକ ହଜାର ବର୍ଷ ଧରି ଖ୍ରୀଷ୍ଟପୂର୍ବ ୧୫୦୦ରୁ ଖ୍ରୀଷ୍ଟପୂର୍ବ ୫୦୦ ମଧ୍ୟରେ ସମଗ୍ର ଉପମହାଦେଶରେ ପ୍ରସାର ଲାଭ କରିଛି। ଏହି ଭାଷା ତାମିଲ ସାହିତ୍ୟର ସୁବର୍ଣ୍ଣଯୁଗ କୁହାଯାଉଥିବା ସଙ୍ଗମ ସମୟରେ ତାମିଲ କବିଙ୍କର ଅତି ପ୍ରିୟ ଥିଲା।

# ଉଚ୍ଚ ଭିତ୍ତି ପ୍ରଭାବ

ବର୍ଷକ ତଳେ ମୁଦ୍ରାସ୍ଫୀତି ଉଚ୍ଚା ଥିବାରୁ ବର୍ତ୍ତମାନ ସେଥିରେ ବୃଦ୍ଧି ହାର ନୀଚା ପ୍ରତୀୟମାନ ହୋଇଛି, ଯାହାକୁ ପରିସଂଖ୍ୟାନ ଶାସ୍ତ୍ରରେ 'ଉଚ୍ଚ ଭିତ୍ତି ପ୍ରଭାବ' ('ହାଇ ବେସ୍ ଇଫେକ୍ଟ') ରୂପେ ଅଭିହିତ କରାଯାଇଥାଏ। ଚଳିତ ୨୦୨୫-୨୬ ବିତ୍ତ ବର୍ଷର ଶେଷ ଚଉଠ ସୁଦ୍ଧା ଏହି ଅନୁକୂଳ ପ୍ରଭାବରେ ଅନ୍ତ ଘଟି ତା' ପରଠାରୁ ଖାଉଟି ମୁଦ୍ରାସ୍ଫୀତି ହାର ବାର୍ଷିକ ୪% ସୀମା ଅତିକ୍ରମ କରିବ ବୋଲି ରିଜର୍ଭ ବ୍ୟାଙ୍କ୍ ଏବେ ଆଶଙ୍କା ପ୍ରକାଶ କରିଛି।

ରିଜର୍ଭ ବ୍ୟାଙ୍କ୍‌ର ମୁଦ୍ରା ନୀତି ନିର୍ଦ୍ଧାରଣ କମିଟି ('ଏମ୍‌ପିସି') ଯେଉଁଭଳି ଏକ ଅସ୍ୱାଭାବିକ ସମୟରେ ତା'ର ଦ୍ୱିମାସିକ ବୈଠକ ସମାପ୍ତ କରି ସୁଧ ହାର ନିର୍ଣ୍ଣୟ ସମ୍ବନ୍ଧରେ ତା'ର ନିଷ୍ପତ୍ତି ଘୋଷଣା କରିଛି, ଅତୀତରେ କେବଳ ୧୯୯୭ର ଏସୀୟ ମୁଦ୍ରା ସଂକଟ କିମ୍ବା ୨୦୦୮ର ବିଶ୍ୱ ବିତ୍ତୀୟ ସଂକଟ ସମୟରେ ସେଭଳି ଦେଖାଯାଇଥିଲା। ବର୍ତ୍ତମାନର ସଂକଟ ଅବଶ୍ୟ କାହାରିକୁ ଅଗୋଚର ନୁହେଁ- ଆମେରିକାର ଉଦ୍‌ଭ୍ରାନ୍ତ ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ଲଦି ଦିଆଯାଇଥିବା ବିଦ୍ୱେଷମୂଳକ ଟାରିଫ୍ ବୋଝ। ଟ୍ରମ୍ପ ଧାର୍ଯ୍ୟ କରିଥିବା ତିନି ସପ୍ତାହ ସମୟ ସୀମା ଅତିକ୍ରାନ୍ତ ହେବା ପରେ ଏହି ଅତିରିକ୍ତ ଟାରିଫ୍ କାର୍ଯ୍ୟକାରୀ ହେବ ଏବଂ ପରବର୍ତ୍ତୀ ସମୟରେ ଏହାର ପ୍ରଭାବ ସମ୍ବନ୍ଧରେ ଏକ ସ୍ପଷ୍ଟ ଚିତ୍ର ଉପଲବ୍‌ଧ ହେବ। ଏଭଳି ଏକ ଅନିଶ୍ଚିତ ପରିସ୍ଥିତିରେ କୌଣସି ଆବେଗ ଦ୍ୱାରା ପ୍ରଭାବିତ ନ ହୋଇ ଚିତ୍ର ସ୍ପଷ୍ଟ ହେବା ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ଅପେକ୍ଷା କରି ସ୍ଥିତାବସ୍ଥା ବଜାୟ ରଖିବା ବୁଦ୍ଧିମାନର କାର୍ଯ୍ୟ ହେବ ବୋଲି ବିଶେଷଜ୍ଞମାନେ ଆଶା କରିଥାନ୍ତି। ରିଜର୍ଭ ବ୍ୟାଙ୍କ୍‌ର 'ଏମ୍‌ପିସି' ଏବେ ଠିକ୍ ତାହା ହିଁ କରିଛି। ନିର୍ଣ୍ଣାୟକ ସୁଧ ହାର 'ରେପୋ ରେଟ୍'କୁ ରିଜର୍ଭ ବ୍ୟାଙ୍କ୍ ୫.୫%ରେ ଅପରିବର୍ତ୍ତିତ ରଖିଛି।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ସୁଧ ହାରରେ ଏଭଳି ସ୍ଥିତାବସ୍ଥା ବଜାୟ ରଖିବାରେ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଏକ ବ୍ୟତିକ୍ରମ ନୁହେଁ। ଭାରତ ମାତ୍ରାଧିକ ଭାବରେ ଟ୍ରମ୍ପଙ୍କର ଟାରିଫ୍ ମାଡ଼ର ସମ୍ମୁଖୀନ ହୋଇଥିଲେ ହେଁ ପୃଥିବୀର କୌଣସି ଦେଶ ଏଥିରୁ ସଂପୂର୍ଣ୍ଣ ଛାଡ଼ ପାଇନାହିଁ, ଏବଂ ଏହାର ପ୍ରଭାବରେ ଆମେରିକାରେ ମଧ୍ୟ ମୁଦ୍ରାସ୍ଫୀତି ଘଟିବା ଅବଶ୍ୟମ୍ଭାବୀ ବୋଲି ଆଶଙ୍କା କରାଯାଉଛି। ଏଣୁ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଯେଉଁଭଳି ନୀତି ଅବଲମ୍ବନ କରିଛି, ବ୍ରିଟେନ୍‌ରୁ ଇଉରୋପିଆନ୍ ୟୁନିଅନ୍, ଚୀନ୍ ଓ ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ୍ ପର୍ଯ୍ୟନ୍ତ ସମସ୍ତେ ଏଭଳି ପରିସ୍ଥିତିରେ ସେଇଭଳି ସେମାନଙ୍କର ସୁଧ ହାରକୁ ସ୍ଥିର ରଖିବାକୁ ନିଷ୍ପତ୍ତି ନେବା ଦେଖାଯାଇଛି। ଏହି ସ୍ଥିର ନୀତିର ଅଂଶସ୍ୱରୂପ ରିଜର୍ଭ ବ୍ୟାଙ୍କ୍ ତା'ର 'ଷ୍ଟାନ୍‌ସ' ବା ଆଭିମୁଖ୍ୟକୁ ମଧ୍ୟ 'ନିରପେକ୍ଷ' ବା 'ନିଉଟ୍ରାଲ୍' ରଖିବା ଘୋଷଣା କରିଛି।

ଅବଶ୍ୟ କେହି କେହି ଆଶା କରୁଥିଲେ ଯେ ଭାରତୀୟ ଅର୍ଥନୀତି ପ୍ରତି ଟ୍ରମ୍ପ ପହଞ୍ଚାଇଥିବା ବାଧାର ମୁକାବିଲା କରିବାରେ ଆମର ଶିଳ୍ପବାଣିଜ୍ୟ ଉଦ୍ୟୋଗୀମାନଙ୍କୁ ସହାୟକ ହେବା ପାଇଁ ରିଜର୍ଭ ବ୍ୟାଙ୍କ୍ ସୁଧ ହାରରେ ହ୍ରାସ ଘଟାଇବାକୁ ଯାଉଛି। କିନ୍ତୁ ଭୁଲିଯିବା ଉଚିତ ନୁହେଁ ଯେ ଏଥିପୂର୍ବରୁ ଫେବ୍ରୁଆରି ୨୦୨୫ରୁ ବର୍ତ୍ତମାନ ମଧ୍ୟରେ ଲଗାତାର 'ରେପୋ ରେଟ୍'ରେ ହ୍ରାସ ଘଟାଇଚାଲି ରିଜର୍ଭ ବ୍ୟାଙ୍କ୍ ସେଥିରେ ମୋଟ ଏକ ଅପ୍ରତ୍ୟାଶିତ ୧୦୦ ବେସିସ୍ ପଏଣ୍ଟ (୧%) ହ୍ରାସ ଘଟାଇ ସାରିଛି। ଏଥିପୂର୍ବରୁ ଗଭର୍ନର ଶକ୍ତିକାନ୍ତ ଦାସ ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ପ୍ରାଧାନ୍ୟ ଦେଇ 'ରେପୋ ରେଟ୍'ରେ ହ୍ରାସ ଘଟାଇବାରୁ ନିବୃତ୍ତ ରହିଥିବାବେଳେ ନୂତନ ଗଭର୍ନର ସଞ୍ଜୟ ମାଲହୋତ୍ରା ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ପ୍ରଦାନକୁ ପ୍ରାଧାନ୍ୟ ଦେଇ ଲାଗ ଲାଗ ତିନିଟି 'ଏମ୍‌ପିସି' ବୈଠକରେ 'ରେପୋ ରେଟ୍'ରେ ହ୍ରାସ ଘଟାଇବା ଦେଖାଯାଇଥିଲା। ତେଣୁ ଆଶା କରାଯାଉଥିଲା ଯେ ଗଭର୍ନର ମାଲହୋତ୍ରା ସେଇ ଧାରା ଅବ୍ୟାହତ ରଖି ଏଥର ମଧ୍ୟ 'ରେପୋ ରେଟ୍'ରେ ଆଉ ଏକ ହ୍ରାସ ଘଟାଇବେ। ପୁଣି, ଯେହେତୁ ଦେଶରେ ଖାଉଟି ମୁଦ୍ରାସ୍ଫୀତି ହାର ଏକ ବେଶ୍ ନୀଚା ସ୍ତରରେ ରହିଛି, ତାହା ଏଭଳି ସମ୍ଭାବନାକୁ ଆହୁରି ଦୃଢ଼ୀଭୂତ କରିଥିଲା।

କିନ୍ତୁ ସଞ୍ଜୟ ମାଲହୋତ୍ରା ଭଲ ରୂପେ ଜାଣନ୍ତି ଯେ ଅତୀତରେ ତାଙ୍କର ପୂର୍ବବର୍ତ୍ତୀ ଗଭର୍ନର ଯେଉଁ ସଂଯମ ଓ ବିଜ୍ଞତା ପ୍ରଦର୍ଶନ କରିଥିଲେ, ତାହାର ସୁଫଳ ଯୋଗୁଁ ହିଁ ସେ ଏ ପର୍ଯ୍ୟନ୍ତ ଏକ ଅଭିବୃଦ୍ଧି-ଅନୁକୂଳ ସୁଧ ନୀତି ଅବଲମ୍ବନ କରିଚାଲିଥିବା ସମ୍ଭବ ହୋଇଛି। ସେ ଏହା ମଧ୍ୟ ଅନୁଭବ କରୁଥିବେ ଯେ ତାଙ୍କର ସେଇ ଉତ୍ସାହରେ ମଧ୍ୟ ଏକ ସମୟରେ ଲଗାମ ଦେବା ଆବଶ୍ୟକ ଏବଂ ବର୍ତ୍ତମାନ ସେ ସମୟ ଉପସ୍ଥିତ।

ତା' ଛଡ଼ା ଟ୍ରମ୍ପ ଟାରିଫ୍ ଭାରତୀୟ ଅର୍ଥନୀତି ସମ୍ମୁଖରେ ଏକ ପ୍ରତିବନ୍ଧକ ରୂପେ ଆବିର୍ଭୂତ ହୋଇଥିଲେ ହେଁ, ଅନ୍ୟ ଯେଉଁ ସମସ୍ତ ଅନୁକୂଳ କାରଣମାନଙ୍କ ଯୋଗୁଁ ଭାରତୀୟ ଅର୍ଥନୀତି ପୃଥିବୀର ଦ୍ରୁତତମ ବର୍ଦ୍ଧିଷ୍ଣୁ ବୃହତ୍ ଅର୍ଥନୀତିରେ ପରିଣତ ହୋଇଛି, ସେ ସମସ୍ତ କାରଣମାନଙ୍କର ପ୍ରଭାବ ଏବେ ମଧ୍ୟ ବଳବତ୍ତର ରହିଛି। ସେଇଥିପାଇଁ ଖୋଦ୍ 'ଏମ୍‌ପିସି' ଚଳିତ ବିତ୍ତ ବର୍ଷ ପାଇଁ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ହାରକୁ ଏକ ସମ୍ମାନଜନକ ୬.୫%ରେ ଅପରିବର୍ତ୍ତିତ ରଖିଥିବାବେଳେ ଆସନ୍ତା ବିତ୍ତ ବର୍ଷରେ ସେଥିରେ ପୁଣି ବୃଦ୍ଧି ଘଟି ତାହା ୬.୬% ହେବାକୁ ଯାଉଛି ବୋଲି ପୂର୍ବାନୁମାନ ପ୍ରକାଶ କରିଛି ! ଏହାର ଅର୍ଥ ହେଉଛି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ 'ରେପୋ ରେଟ୍'ରେ ହ୍ରାସ ଘଟାଇବା ଲାଗି ରିଜର୍ଭ ବ୍ୟାଙ୍କ୍ ଉପରେ ପଡୁଥିବା ଚାପ ଏବେ କୋହଳ ହୋଇଯାଇଛି।

ଏହା ବ୍ୟତୀତ ଅନ୍ୟ ଦୁଇଟି କାରଣ ଯୋଗୁଁ ମଧ୍ୟ ରିଜର୍ଭ ବ୍ୟାଙ୍କ୍ ବର୍ତ୍ତମାନ ସୁଧ ହାରରେ ହ୍ରାସ ଘଟାଇବା ଲାଗି ବିଶେଷ ଉଦ୍‌ଗ୍ରୀବ ହୋଇ ନ ଥିବ। ଗୋଟିଏ ହେଉଛି ଭବିଷ୍ୟତରେ ମୁଦ୍ରାସ୍ଫୀତିର ସମ୍ଭାବନା। ଏହା ସତ ଯେ ଜୁନ୍‌ରେ ଖାଉଟି ମୁଦ୍ରାସ୍ଫୀତି ହାର ଯେଉଁ ମାତ୍ର ୨.୧% ହୋଇଛି, ତାହା ହେଉଛି ଚମକପ୍ରଦ ଭାବରେ ବିଗତ ଛ' ବର୍ଷରୁ ଅଧିକ କାଳ ମଧ୍ୟରେ ସର୍ବନିମ୍ନ। କିନ୍ତୁ ଏହି ଉଲ୍ଲାସ ସୃଷ୍ଟିକାରୀ ପରିସଂଖ୍ୟାନ ପଛରେ ଏକ ଅସୁବିଧାଜନକ ସତ୍ୟ ମଧ୍ୟ ଲୁଚି ରହିଥାଏ। ତାହା ହେଲା, ବାର୍ଷିକ ମୁଦ୍ରାସ୍ଫୀତି ହାର ଏବଂ ବର୍ଷକ ତଳର ମୁଦ୍ରାସ୍ଫୀତି ସହିତ ବର୍ତ୍ତମାନର ମୁଦ୍ରାସ୍ଫୀତିକୁ ତୁଳନା କରି ବର୍ତ୍ତମାନର ମୁଦ୍ରାସ୍ଫୀତି ହାର ନିରୂପଣ କରାଯାଇଛି। ଅଡୁଆ କଥାଟି ହେଲା, ବର୍ଷକ ତଳେ ମୁଦ୍ରାସ୍ଫୀତି ଉଚ୍ଚା ଥିବାରୁ ବର୍ତ୍ତମାନ ସେଥିରେ ବୃଦ୍ଧି ହାର ନୀଚା ପ୍ରତୀୟମାନ ହୋଇଛି, ଯାହାକୁ ପରିସଂଖ୍ୟାନ ଶାସ୍ତ୍ରରେ 'ଉଚ୍ଚ ଭିତ୍ତି ପ୍ରଭାବ' ('ହାଇ ବେସ୍ ଇଫେକ୍ଟ') ରୂପେ ଅଭିହିତ କରାଯାଇଥାଏ। ଚଳିତ ୨୦୨୫-୨୬ ବିତ୍ତ ବର୍ଷର ଶେଷ ଚଉଠ ସୁଦ୍ଧା ଏହି ଅନୁକୂଳ ପ୍ରଭାବରେ ଅନ୍ତ ଘଟି ତା' ପରଠାରୁ ଖାଉଟି ମୁଦ୍ରାସ୍ଫୀତି ହାର ବାର୍ଷିକ ୪% ସୀମା ଅତିକ୍ରମ କରିବ ବୋଲି ରିଜର୍ଭ ବ୍ୟାଙ୍କ୍ ଏବେ ଆଶଙ୍କା ପ୍ରକାଶ କରିଛି।

ଅନ୍ୟ କେତେକ କାରଣ ମଧ୍ୟ ରିଜର୍ଭ ବ୍ୟାଙ୍କ୍‌ର ଏହି ଆଶଙ୍କାକୁ ଖୋରାକ ଯୋଗାଇଥାନ୍ତି। ଯେମିତି, ଖାଉଟି ମୁଦ୍ରାସ୍ଫୀତି ହିସାବରେ ଖାଦ୍ୟ ଓ ପାନୀୟ ଦ୍ରବ୍ୟମାନଙ୍କୁ ୪୦% ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ଏହି ଦ୍ରବ୍ୟମାନଙ୍କରେ ଦର ବୃଦ୍ଧି ଅତ୍ୟନ୍ତ ନୀଚା ହୋଇଥିବାରୁ, ଖାଉଟି ମୁଦ୍ରାସ୍ଫୀତି ଏଭଳି ନୀଚା ହୋଇଛି। କିନ୍ତୁ ଏହି ଦ୍ରବ୍ୟମାନଙ୍କର ଦର ଅତ୍ୟନ୍ତ ଅସ୍ଥିର ଶ୍ରେଣୀର ହୋଇଥିବାରୁ କେଉଁ ମୁହୂର୍ତ୍ତରେ ସେଥିରେ ବୃଦ୍ଧି ଘଟି ଖାଉଟି ମୁଦ୍ରାସ୍ଫୀତିକୁ ଉପରମୁହାଁ କରିବ, ତାହା କହିହେବ ନାହିଁ। ଦ୍ୱିତୀୟରେ ସରକାରଙ୍କର ଟିକସ ରିହାତି ଓ ପ୍ରତ୍ୟକ୍ଷ ଅର୍ଥ ହସ୍ତାନ୍ତର ଆଦି ପଦକ୍ଷେପମାନ ଯୋଗୁଁ ଦେଶରେ ସାମଗ୍ରିକ ଚାହିଦାରେ ଘଟିବାକୁ ଯାଉଥିବା ବୃଦ୍ଧି ପ୍ରଭାବରେ ମୁଦ୍ରାସ୍ଫୀତିରେ ବୃଦ୍ଧି ଘଟିପାରେ। ଏଣୁ ବର୍ତ୍ତମାନ ସୁଧ ହାରରେ ଆଉ ହ୍ରାସ ଭବିଷ୍ୟତରେ ମୁଦ୍ରାସ୍ଫୀତିକୁ ଖୋରାକ ଯୋଗାନ୍ତା।

ଏମିତିରେ ସୁଧ ହାରରେ ଉଲ୍ଲେଖନୀୟ ହ୍ରାସ ଘଟିବା ପରେ ମଧ୍ୟ ବ୍ୟାଙ୍କ୍‌ମାନଙ୍କ ଦ୍ୱାରା ପ୍ରଦତ୍ତ ଋଣ ପରିମାଣରେ ବୃଦ୍ଧି ଘଟିବା ଦେଖାଯାଇନାହିଁ। ଅର୍ଥାତ୍, ନିବେଶକମାନଙ୍କର ନିଷ୍ପତ୍ତି ଅନ୍ୟାନ୍ୟ ଅଣ-ସୁଧ କାରଣମାନ ଦ୍ୱାରା ପ୍ରଭାବିତ ହେଉଛି। ଏ ସମସ୍ତ କାରଣମାନଙ୍କୁ ବିଚାରକୁ ନେଲେ ସ୍ୱୀକାର କରିବାକୁ ହୋଇଥାଏ ଯେ ବର୍ତ୍ତମାନ 'ରେପୋ ରେଟ୍'ରେ ଆଉ ହ୍ରାସ ଘଟାଇବାରୁ ବିରତ ରହି ରିଜର୍ଭ ବ୍ୟାଙ୍କ୍ ଉଚିତ କାର୍ଯ୍ୟ କରିଛି।

# ଟ୍ରମ୍ପ-ପୁଟିନ୍ ବୈଠକ ସଫଳ, କମିଲା ଅଶୋଧିତ ତୈଳ ଦର

ୱାଶିଂଟନ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ପ୍ରାୟ ୩ ଘଣ୍ଟାର ବୈଠକ 'ଫଳଦାୟକ' ହୋଇଛି। ପୁଟିନ ପରବର୍ତ୍ତୀ ବୈଠକ ପାଇଁ ଟ୍ରମ୍ପଙ୍କୁ ମସ୍କୋକୁ ନିମନ୍ତ୍ରଣ କରିଥିଲେ। ଏହା ପରେ ବିଶ୍ୱର ପ୍ରାୟ ୧୦୦ ଦେଶ ପାଇଁ ଭଲ ଖବର ଆସିଛି। ଏହି ବୈଠକ ପରେ ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ଦୁଇ ପ୍ରତିଶତ ହ୍ରାସ ପାଇଛି। ବିଶ୍ୱର ପ୍ରାୟ ୯୮ ଦେଶ ଅଶୋଧିତ ତୈଳ ଉତ୍ପାଦନ କରନ୍ତି। ବିଶ୍ୱର ବାକି ୧୦୦ ଦେଶକୁ ସମାନ ଅଶୋଧିତ ତୈଳ ଯୋଗାଣ କରାଯାଏ। ଅଶୋଧିତ ତୈଳ ମୂଲ୍ୟରେ ଆଶ୍ୱସ୍ତି ଯୋଗୁ ବିଶ୍ୱ ହାରାହାରି ମୁଦ୍ରାସ୍ଫୀତିରେ ହ୍ରାସ ଦେଖାଯାଉଛି।

ତୈଳ ଆମଦାନୀକାରୀ ଦେଶମାନଙ୍କ ଉପରେ କମ୍ ଚାପ ଦେଖାଯାଉଛି। ବୈଠକ ପରେ ଆମେରିକୀୟ ଅଶୋଧିତ ତୈଳର ମୂଲ୍ୟ ପ୍ରାୟ ଦୁଇ ପ୍ରତିଶତ ହ୍ରାସ ସହିତ ବନ୍ଦ ହୋଇଥିଲା। ସେହି ସମୟରେ, ଉପସାଗରୀୟ ଦେଶଗୁଡ଼ିକର ଅଶୋଧିତ ତୈଳ ମଧ୍ୟ ପ୍ରାୟ ଦେଢ଼ ପ୍ରତିଶତ ହ୍ରାସ ସହିତ ବନ୍ଦ ହୋଇଥିଲା। ବିଶେଷ କଥା ହେଉଛି, ଅଗଷ୍ଟ ମାସରେ ଉପସାଗରୀୟ ଏବଂ ଆମେରିକୀୟ ତେଲ ୯ ପ୍ରତିଶତରୁ ଅଧିକ ଶସ୍ତା ହୋଇଛି। ଟ୍ରମ୍ପ ଏବଂ ପୁଟିନଙ୍କ ମଧ୍ୟରେ ଆଲାସ୍କାରେ ପ୍ରାୟ ୩ ଘଣ୍ଟା ଧରି ବୈଠକ ହୋଇଥିଲା। ଯେଉଁଥିରେ ଅଧିକାଂଶ ପ୍ରସଙ୍ଗରେ କୌଣସି ସହମତି ନ ହେବାର ଖବର ରହିଛି। ଏହାର ଅର୍ଥ ହେଉଛି ପୁଟିନ ତାଙ୍କ ସର୍ତ୍ତରେ ଅଟଳ ଥିଲେ ଏବଂ ଟ୍ରମ୍ପଙ୍କୁ ଖାଲି ହାତରେ ଫେରିବାକୁ ପଡ଼ିଥିଲା। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଯାହା ସାମ୍ନାକୁ ଆସିଛି, ତାହା ହେଉଛି ଉଭୟ ରାଷ୍ଟ୍ରମୁଖ୍ୟ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ପାଇଁ ଦ୍ୱାର ଖୋଲା ରଖିଛନ୍ତି।

# ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ ନିଷ୍ପତ୍ତିରେ ପାକିସ୍ତାନ ଅସନ୍ତୁଷ୍ଟ

ଇସଲାମବାଦ୍: ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ ରଖିବାର ଭାରତର ନିଷ୍ପତ୍ତିରେ ପାକିସ୍ତାନ ଅସନ୍ତୁଷ୍ଟ ଅଛି। ପାକ ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ ଅସୀମ ମୁନିର, ପୂର୍ବତନ ବୈଦେଶିକ ମନ୍ତ୍ରୀ ବିଲାୱାଲ ଭୁଟ୍ଟୋ ଜର୍ଦ୍ଦାରୀ ଏବଂ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ଭାଷଣରେ ସ୍ପଷ୍ଟ ଭାବରେ ଦେଖାଯାଉଛି। ପାକିସ୍ତାନ ପ୍ରତ୍ୟେକ ବୁନ୍ଦା ପାଣି ଉପରେ ଏତେ ନିର୍ଭରଶୀଳ ହୋଇଯାଇଛି ଯେ ସ୍ୱାଧୀନତା ଦିବସରେ ମଧ୍ୟ ଶାହବାଜ ସରିଫଙ୍କ ସମ୍ପୂର୍ଣ୍ଣ ଭାଷଣ ସିନ୍ଧୁ ଜଳ ଚୁକ୍ତିନାମା ଉପରେ କେନ୍ଦ୍ରିତ ଥିଲା। ଅସୀମ ମୁନିର ଏବଂ ବିଲାୱାଲ ଭୁଟ୍ଟୋଙ୍କ ପରମାଣୁ ଧମକ ପରେ, ଶେହବାଜ ସରିଫ ମଧ୍ୟ ଏକ ଧମକ ଦେଇଛନ୍ତି। ଏକ୍ସପ୍ରେସ ଟ୍ରିବ୍ୟୁନ ରିପୋର୍ଟ ଅନୁଯାୟୀ, ଶେହବାଜ ସରିଫ ଭାରତର ନାମ ନ ନେଇ ତାଙ୍କ ଭାଷଣରେ କହିଛନ୍ତି, 'ଆଜି ମୁଁ ଶତ୍ରୁକୁ କହିବାକୁ ଚାହୁଁଛି ଯେ ଯଦି ତୁମେ ଆମର ପାଣି ବନ୍ଦ କରିବାକୁ ଧମକ ଦିଅ, ତେବେ ମନେରଖ ଯେ ତୁମେ ପାକିସ୍ତାନରୁ ଗୋଟିଏ ବୁନ୍ଦା ପାଣି ମଧ୍ୟ ଛଡ଼ାଇ ନେଇ ପାରିବ ନାହିଁ। ମୁଁ ଭଗବାନଙ୍କ ନାମରେ ଶପଥ କରୁଛି।' ଶେହବାଜ ସରିଫଙ୍କ ପୂର୍ବରୁ, ଅସୀମ ମୁନିର ଭାରତକୁ ଆମେରିକୀୟ ମାଟିରୁ ପରମାଣୁ ଆକ୍ରମଣର ଧମକ ଦେଇଥିଲେ। ସେ କହିଥିଲେ ଯେ ଯଦି ଭାରତ ସିନ୍ଧୁ ନଦୀରେ ଏକ ବନ୍ଧ ନିର୍ମାଣ କରେ, ତେବେ ପାକିସ୍ତାନ ଏହାକୁ କ୍ଷେପଣାସ୍ତ୍ର ଦ୍ୱାରା ଧ୍ୱଂସ କରିବ। ସେ ଏହା ମଧ୍ୟ କହିଥିଲେ ଯେ ପାକିସ୍ତାନ ଏକ ପରମାଣୁ ଦେଶ ଏବଂ ଯଦି ଆମେ ଅନୁଭବ କରୁ ଯେ ଆମେ ବୁଡୁଛୁ, ତେବେ ଆମେ ଅଧା ବିଶ୍ୱକୁ ଆମ ସହିତ ନେଇଯିବୁ। ଅସୀମ ମୁନିରଙ୍କ ଧମକର ମାତ୍ର ଦୁଇ ଦିନ ପରେ, ଅଗଷ୍ଟ ୧୧ ତାରିଖରେ ପାକିସ୍ତାନ ପିପୁଲ୍ସ ପାର୍ଟିର ମୁଖ୍ୟ ବିଲାୱାଲ ଭୁଟ୍ଟୋ ଜରଦାରୀଙ୍କୁ ମଧ୍ୟ ଭାରତ ବିରୁଦ୍ଧରେ ବିଷ ଓଗାଳିବାର ଦେଖାଯାଇଥିଲା।

## ୭୯ତମ ସ୍ୱାଧୀନତା ଦିବସରେ ଉଦ୍‌ବୋଧନ ଦେଲେ ପ୍ରଧାନମନ୍ତ୍ରୀ

# ଭବିଷ୍ୟତର ଆହ୍ୱାନଗୁଡ଼ିକୁ ସମ୍ମୁଖୀନ ହେବା ପାଇଁ ଦେଲେ ସଙ୍କେତ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଦ୍ୱାଦଶ ସ୍ୱାଧୀନତା ଦିବସ ଅଭିଭାଷଣ ଅବସରରେ, ଭାରତ ଅଭ୍ୟୁତ୍ଥାନର ନୂତନ ଅଧ୍ୟାୟ ଘୋଷଣା ପାଇଁ ଲାଲକିଲ୍ଲାର ପ୍ରାଚୀରକୁ ଏକ ଲଞ୍ଚପ୍ୟାଡରେ ପରିଣତ କରିଥିଲେ। ୭୯ତମ ସ୍ୱାଧୀନତା ଦିବସରେ, ସେ ଏମିତି ଘୋଷଣା ସବୁ କରିଛନ୍ତି ଯେଉଁଗୁଡ଼ିକ ଦେଶକୁ ପାହାଚ ପରେ ପାହାଚ ଚଢ଼ି ଶିଖର ଛୁଇଁବା ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ଭବିଷ୍ୟତର ଆହ୍ୱାନଗୁଡ଼ିକୁ ସମ୍ମୁଖୀନ ହୋଇ ଡିଆଁ ମାରିବାକୁ ସଙ୍କେତ ଦେଇଛି।

ଦେଶବାସୀଙ୍କୁ ଏହି ଅଭିଭାଷଣରେ ଭାରତର ପ୍ରଥମ ସେମିକଣ୍ଡକ୍ଟର ଚିପ୍ ତିଆରି କରିବାଠାରୁ ଆରମ୍ଭ କରି ଜେଟ୍ ଇଞ୍ଜିନ୍ ନିର୍ମାଣ କରିବା ପର୍ଯ୍ୟନ୍ତ, ପରମାଣୁ କାର୍ଯ୍ୟକ୍ରମର ୧୦ ଗୁଣା ବିସ୍ତାରଠାରୁ ଆରମ୍ଭ କରି ଯୁବକମାନଙ୍କୁ ନିଯୁକ୍ତି ଦେବା ଲାଗି ୧ ଲକ୍ଷ କୋଟି ଟଙ୍କାର ଯୋଜନା ପର୍ଯ୍ୟନ୍ତ, ତାଙ୍କର ବାର୍ତ୍ତା ସ୍ପଷ୍ଟ ରହିଛି। ୨୦୪୭ ସୁଦ୍ଧା ଏକ ବିକଶିତ ଦେଶରେ ପରିଣତ ହେବା ସହ ଭାରତ ନିଜର ଭାଗ୍ୟ ନିଜେ ନିର୍ଦ୍ଧାରଣ କରିବ, ନିଜସ୍ୱ ସର୍ତ୍ତାବଳୀ ସ୍ଥିର କରିବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି।

୫୦-୬୦ ବର୍ଷ ପୂର୍ବେ ସେମି କଣ୍ଡକ୍ଟର କାରଖାନା ସ୍ଥାପନ ପାଇଁ ପ୍ରୟାସର କଳ୍ପନାକୁ କିପରି 'ଜନ୍ମରୁ ହିଁ ହତ୍ୟା' କରାଯାଇଥିଲା" ତାହାକୁ ମନେ ପକାଇଛନ୍ତି ପ୍ରଧାନମନ୍ତ୍ରୀ। ଏହାସହ ଶ୍ରୀ ମୋଦୀ ଘୋଷଣା କରିଛନ୍ତି ଯେ ଭାରତ ଏବେ ମିଶନ ମୋଡ୍ ରେ ଏହି କାର୍ଯ୍ୟରେ ନିୟୋଜିତ ହୋଇଛି। ଚଳିତ ବର୍ଷ ଶେଷ ସୁଦ୍ଧା, ଦେଶ ଏହାର ପ୍ରଥମ ମେଡ୍ ଇନ୍ ଇଣ୍ଡିଆ ଚିପ୍ ତିଆରି ଆରମ୍ଭ କରିବ। ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ଦେଶର ପରମାଣୁ ଶକ୍ତି ଉତ୍ପାଦନ କ୍ଷମତା ଦଶଗୁଣରୁ ଅଧିକ ବୃଦ୍ଧି କରିବା ପାଇଁ ଆରମ୍ଭ ହୋଇଥିବା ମିଶନର ଅଂଶ ସ୍ୱରୂପ ୧୦ଟି ନୂତନ ପରମାଣୁ ରିଆକ୍ଟର ନିର୍ମାଣ ପାଇଁ କାର୍ଯ୍ୟ ଚାଲିଛି। ଦେଶରେ ଜିଏସ୍‌ଟି ବ୍ୟବସ୍ଥାର ସଂସ୍କାର ହେବ। ଏହାକୁ ପରବର୍ତ୍ତୀ ପିଢ଼ିର ସଂସ୍କାର ବୋଲି କହିଛନ୍ତି ଶ୍ରୀ ମୋଦୀ। ଦୀପାବଳି ଅବସରରେ ଏହି ନୂଆ ନୀତି ଉନ୍ମୋଚିତ ହେବ, ଯାହା ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଟିକସ ହ୍ରାସ କରିବ ଏବଂ ଏମ୍‌ଏସ୍‌ଏମ୍‌ଇ, ସ୍ଥାନୀୟ ବିକ୍ରେତା ଏବଂ ଗ୍ରାହକମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ। ପ୍ରଧାନମନ୍ତ୍ରୀ ମୋଦୀ ପରବର୍ତ୍ତୀ ପିଢ଼ିର ସଂସ୍କାରକୁ ଚଳାଇବା ପାଇଁ ଏକ ଉତ୍ସର୍ଗୀକୃତ ସଂସ୍କାର ଟାସ୍କଫୋର୍ସ ଗଠନ ଘୋଷଣା କରିଛନ୍ତି। ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା, ଲାଲ ଫିତା ପ୍ରତିବନ୍ଧକକୁ ହଟାଇବା ଏବଂ ଶାସନକୁ ଆଧୁନିକୀକରଣ କରିବା ହେଉଛି ଏହାର ଲକ୍ଷ୍ୟ। ପ୍ରଧାନମନ୍ତ୍ରୀ ମୋଦୀ ୧ ଲକ୍ଷ କୋଟି ଟଙ୍କା ମୂଲ୍ୟର ଏକ ପ୍ରମୁଖ ନିଯୁକ୍ତି ଯୋଜନା ଆରମ୍ଭ କରିଛନ୍ତି, ଯାହା ଅଧୀନରେ ନୂତନ ନିଯୁକ୍ତିପ୍ରାପ୍ତ ଯୁବକ ଯୁବତୀମାନେ ୧୫ ହଜାର ଟଙ୍କା ପାଇବେ। ଏହି ଯୋଜନାର ଲକ୍ଷ୍ୟ ୩କୋଟି ଯୁବ ଭାରତୀୟଙ୍କୁ ଲାଭ ପହଞ୍ଚାଇବ, ସ୍ୱତନ୍ତ୍ର ଭାରତରୁ ସମୃଦ୍ଧ ଭାରତ ପର୍ଯ୍ୟନ୍ତ ସେତୁକୁ ମଜଭୁତ କରିବ। ପ୍ରଧାନମନ୍ତ୍ରୀ ମୋଦୀ ସୀମାନ୍ତ ଅଞ୍ଚଳରେ ଅନୁପ୍ରବେଶ ଏବଂ ଅବୈଧ ପ୍ରବାସ ଯୋଗୁଁ ଜନସଂଖ୍ୟାଗତ ଅସନ୍ତୁଳନର ବିପଦ ଉପରେ ଆଲୋକପାତ କରିଛନ୍ତି। ଏହାକୁ ଜାତୀୟ ସୁରକ୍ଷା ପାଇଁ ଏକ ଆହ୍ୱାନ ବୋଲି ବିବେଚନା କରିବା ସହ ଏହାର ମୁକାବିଲା ପାଇଁ ସେ ଏକ ଉଚ୍ଚ-ଶକ୍ତିଶାଳୀ ଜନସଂଖ୍ୟା ମିଶନ ଆରମ୍ଭ କରିବାକୁ ଘୋଷଣା କରିଥିଲେ। ଏହି ମିଶନ ଦ୍ୱାରା ଭାରତର ନାଗରିକମାନଙ୍କର ଏକତା, ଅଖଣ୍ଡତା ଏବଂ ଅଧିକାର ସୁରକ୍ଷିତ ରହିବ। ପ୍ରଧାନମନ୍ତ୍ରୀ ମୋଦୀ ସୂଚାଇଥିଲେ ଯେ ଭାରତର ବଜେଟର ଏକ ବଡ଼ ଅଂଶ ଏବେ ବି ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ ଆମଦାନୀ କରିବାରେ ଖର୍ଚ୍ଚ ହେଉଛି। ସେ ସୌର, ହାଇଡ୍ରୋଜେନ, ଜଳ ଏବଂ ପରମାଣୁ ଶକ୍ତିର ପ୍ରମୁଖ ପ୍ରସାର ସହିତ ସମୁଦ୍ର ସମ୍ପଦକୁ ବ୍ୟବହାର କରିବା ପାଇଁ ଜାତୀୟ ଗଭୀର ଜଳ ଅନୁସନ୍ଧାନ ମିଶନ ଆରମ୍ଭ ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଘୋଷଣା କରିଥିଲେ ଯେ ଯେପରି ଆମେ କୋଭିଡ୍ ସମୟରେ ଟିକା ଏବଂ ଡିଜିଟାଲ୍ ନେଣଦେଣ ପାଇଁ ୟୁପିଆଇ ତିଆରି କରିଥିଲୁ, ସେହିପରି ଆମେ ମଧ୍ୟ ଆମର ନିଜସ୍ୱ ଜେଟ୍ ଇଞ୍ଜିନ୍ ନିର୍ମାଣ କରିବା ଉଚିତ ଏବଂ ଆମର ବୈଜ୍ଞାନିକ ଏବଂ ଯୁବପିଢ଼ିଙ୍କୁ ଏହାକୁ ଏକ ସିଧାସଳଖ ଆହ୍ୱାନ ଭାବରେ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ।

# 'ଦେଶ ଓ ଜାତି ପାଇଁ ସମର୍ପିତ ଜୀବନ ହିଁ ଶ୍ରେଷ୍ଠ ଜୀବନ'



ଭୁବନେଶ୍ୱର: ୭୯ତମ ସ୍ୱାଧୀନତା ଦିବସ ଅବସରରେ ଭେଙ୍କଟେଶ୍ୱର ସ୍କୁଲର ଚେୟାରମ୍ୟାନ ଡ଼କ୍ଟର ସୂର୍ଯ୍ୟ ପ୍ରକାଶ ପତି ସକାଳ ଘ.୮.୧୫ ମିନିଟ୍‌ରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ଜାତୀୟ ସଙ୍ଗୀତଗାନ କରାଯିବା ସହିତ ଡକ୍ଟର ପତି ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଭିତରେ ଜାତୀୟତାର ଭାବ ଓ ଦେଶପାଇଁ ଉତ୍ସର୍ଗୀକୃତ ହେବା ପାଇଁ ପ୍ରେରଣା ଦେଇଥିଲେ।

ଏହି ଅବସରରେ ଉପସ୍ଥିତ ଶିକ୍ଷକ – ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟର ପରିଚାଳକ ହିମାଂଶୁ ଶେଖର ପତି, ଯଶସ୍ୱିନୀ ପତି ଏବଂ ଶକ୍ତି ପ୍ରକାଶ ପତି, ଅଧ୍ୟକ୍ଷ ଜି. ରାମ କିଶୋର ଓ ଉପାଧ୍ୟକ୍ଷ ମହେଶ କୁମାର ମିଶ୍ର ୧୯୪୭ ସ୍ୱାଧୀନତା ଦିବସର ପ୍ରାସଙ୍ଗିକତାକୁ ବର୍ଣ୍ଣନା କରିଥିଲେ। ବିଦ୍ୟାଳୟର କୋ-ଅର୍ଡିନେଟର୍ କଳ୍ପନା ସାହୁ, ମିନତୀ କୁମାରୀ ରଥ, ସଞ୍ଜୀ ସମୀର ମହାପାତ୍ର, ବିନିତା ଦାସ, ଶ୍ରୀମନ୍ତ ବାରିକ, ଗିରିଜା ମେହେର, ସ୍ୱାତୀ ମିଶ୍ର, ଅନୁପମା ହୋତାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଧୀନତା ଦିବସ ଉପରେ ଆଧାରିତ ଅନେକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆମର ମହାନ୍ ରାଷ୍ଟ୍ରନାୟକ – ମୁକ୍ତି ଯୋଦ୍ଧା ମହାତ୍ମା ଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷ, ଜବାହାରଲାଲ ନେହେରୁ, ଭଗତ୍ ସିଂ, ବାଘା ଯତିନ୍ ପ୍ରମୁଖ ମହାପୁରୁଷ ମାନଙ୍କର ଆତ୍ମ ବଳିଦାନର କଥାକୁ ଛାତ୍ରଛାତ୍ରୀମାନେ ନିଜ ନିଜ ବକ୍ତୃତା ମାଧ୍ୟମରେ ଉପସ୍ଥାପନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର କୋ-ଅର୍ଡିନେଟର୍ କଳ୍ପନା ସାହୁ ଏବଂ ମିନତୀ କୁମାରୀ ରଥ ସ୍ୱାଧୀନତା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଏସ୍‌ଟିରେ ହେବ ସଂସ୍କାର, ତମାଖୁ ଓ ପାନ ମସାଲାରେ ଲାଗୁ ହେବ ୪୦% ଟିକସ

ନୂଆଦିଲ୍ଲୀ: କେନ୍ଦ୍ର ସରକାର ଗୁଡ଼ସ ଆଣ୍ଡ ସର୍ଭିସେସ ଟ୍ୟାକ୍ସ (ଜିଏସ୍‌ଟି) ଗଠନରେ ଏକ ବଡ଼ ସଂସ୍କାର ପାଇଁ ପ୍ରସ୍ତାବ ଆଗତ କରିଛନ୍ତି। ପ୍ରସ୍ତାବ ଅନୁଯାୟୀ, ଜିଏସ୍‌ଟିକୁ ମାତ୍ର ଦୁଇଟି ସ୍ଲାବ୍ ୫% ଏବଂ ୧୮% କୁ ସୀମିତ କରାଯିବ। ଯେଉଁଥିରେ ତମାଖୁ ଓ ପାନ ମସାଲା ଜାତୀୟ ଅସାମାଜିକ ଦ୍ରବ୍ୟ ଉପରେ ୪୦% ଟିକସ ଲାଗୁ ହେବ। ଏହା ସହିତ, କୃଷି ଉତ୍ପାଦ, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଦ୍ରବ୍ୟ, ହସ୍ତଶିଳ୍ପ ଏବଂ ବୀମା ଉପରେ ଟିକସ ହ୍ରାସ କରାଯିବ। ଏହି ପ୍ରସ୍ତାବ ଜିଏସ୍‌ଟି କାଉନସିଲକୁ ପଠାଯାଇଛି, ଯାହା ସେପ୍ଟେମ୍ବର ମାସରେ ଏକ ଦୁଇ ଦିନିଆ ବୈଠକରେ ଏହାକୁ ଚୂଡ଼ାନ୍ତ କରିବ ବୋଲି ସୂଚନା ମିଳିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଧୀନତା ଦିବସ ଅବସରରେ ଲାଲକିଲ୍ଲାରୁ ଦେଇଥିବା ଭାଷଣରେ ଦୀପାବଳୀ ସୁଦ୍ଧା 'ନେକ୍ସଟ ଜେନେରେସନ ଜିଏସ୍‌ଟି ସଂସ୍କାର' ଆଣିବାର ଘୋଷଣା କରିଛନ୍ତି। ସେ କହିଛନ୍ତି, "ଗତ ଆଠ ବର୍ଷ ମଧ୍ୟରେ ଆମେ ଜିଏସ୍ ?ଟିରେ ବଡ଼ ସଂସ୍କାର କରିଛୁ ଏବଂ ଟିକସକୁ ସରଳ କରିଛୁ। ଏବେ ଏହାର ସମୀକ୍ଷାର ସମୟ ଆସିଛି। ଆମେ ରାଜ୍ୟମାନଙ୍କ ସହ ଆଲୋଚନା କରି ଏକ ନୂତନ ସଂସ୍କାର ଆଣୁଛୁ। ସୂଚନା ମୁତାବକ, ବର୍ତ୍ତମାନ ଜିଏସ୍ ?ଟିରେ ପାଞ୍ଚଟି ମୁଖ୍ୟ ସ୍ଲାବ ରହିଛି – ୦%, ୫%, ୧୨%, ୧୮% ଏବଂ ୨୮%। ପ୍ରସ୍ତାବିତ ସଂସ୍କାରରେ ୧୨% ସ୍ଲାବକୁ ହଟାଇ ଏହା ଅଧୀନରେ ଥିବା ଦ୍ରବ୍ୟଗୁଡ଼ିକୁ ୫% କିମ୍ବା ୧୮% ସ୍ଲାବକୁ ସ୍ଥାନାନ୍ତର କରାଯିବ। ଏହା ଦୈନନ୍ଦିନ ଆବଶ୍ୟକ ଦ୍ରବ୍ୟ ଯେପରିକି ଘିଅ, ସାବୁନ, ଖାଦ୍ୟ ଏବଂ ଅନ୍ୟାନ୍ୟ ଜିନିଷକୁ ଆହୁରି ଶସ୍ତା କରିବ। ସ୍ୱାସ୍ଥ୍ୟ ଓ ଜୀବନ ବୀମା ଭଳି ଅତ୍ୟାବଶ୍ୟକ ସେବାଗୁଡ଼ିକ ମଧ୍ୟ ଏହି ସଂସ୍କାର ଦ୍ୱାରା ଅଧିକ ସୁଲଭ ହେବ। ତମାଖୁ, ସିଗାରେଟ ଏବଂ କାର୍ବୋନେଟେଡ୍ ପାନୀୟ ଭଳି ଦ୍ରବ୍ୟ ଉପରେ ଜିଏସ୍‌ଟି ୨୮%ରୁ ବୃଦ୍ଧି କରି ୪୦% କରାଯିବ। ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଦ୍ରବ୍ୟର ବ୍ୟବହାରକୁ ହ୍ରାସ କରିବା ସହ ରାଜସ୍ୱ ବୃଦ୍ଧିରେ ସାହାଯ୍ୟ କରିବ ବୋଲି ଲକ୍ଷ୍ୟ ରଖାଯାଇଛି।

## ସ୍ୱାଧୀନତା

ଅଗଷ୍ଟ ଆସିଲେ ମନେ ପଡ଼ିଯାଏ
ଦେଶ ସ୍ୱାଧୀନତା କଥା
ତ୍ରିରଙ୍ଗା ପତାକା ସବୁଠାରେ ଉଡ଼େ
ଟେକି ଦେଇ ତାର ମଥା,
ଜାତୀୟ ସଙ୍ଗୀତ ଗୁଞ୍ଜରିତ ହୁଏ
ଗର୍ବରେ ଫୁଲାଇ ଛାତି
ନୂଆ ନୂଆ ପିଢ଼ି ଆଗକୁ ଆସନ୍ତି
ଧରି ଗଣତନ୍ତ୍ର ନୀତି ।
ଫୁଲମାଳ ନେଇ ବେକରେ ଦିଅନ୍ତି
ପ୍ରତିମୂର୍ତ୍ତି ହସି ଉଠେ
ସ୍ୱାଧୀନତା ସ୍ୱାଦ କିପରି ବୁଝିବ
କହେ ଥର ଥର କଣ୍ଠେ
ଅଗଷ୍ଟ ସରିଲେ ଯିଏ ଯାହା ଘରେ
ସ୍ୱାର୍ଥରେ ଯାଆନ୍ତି ମାତି
ସେବାର ନାମରେ ରାଜନୀତି ଚାଲେ
ପୋଷା ହୁଏ ପ୍ରିୟା ପ୍ରୀତି ।
ଅଳନ୍ଧୁ ଘେରରେ ତ୍ରିରଙ୍ଗା ପତାକା
ଦିଏ ଜାତୀୟତା ବାର୍ତ୍ତା
ଦାଦନ ଶ୍ରମିକ ଫେରିଯାଏ ପୁଣି
ଭାବି ଭାବି ସ୍ୱାଧୀନତା ।

**ସୁଧୀର କୁମାର ଦାସ**
ତରାବୋଇ, ଜଟଣୀ

## ଅପେକ୍ଷା କର

ଆଗକୁ ବହୁଥିବା ନଈ
ନଟେଇରୁ ଛିଡ଼ିଥିବା ଗୁଡ଼ି
ସମ୍ପର୍କକୁ ବୁଝି ନଥିବା ପ୍ରିୟା
କେବେ ଫେରି ଆସନ୍ତି ନାହିଁ
ଦୂରେଇ ଯାଇଥିବା ପ୍ରିୟା
ଜୀବନରେ ବିଷ ଭରିଥିବା ମଣିଷ
ସେମାନଙ୍କ କଥା ଭାବି କି ଲାଭ
ଅତୀତର କିଛି କଥା ଭୁଲିଗଲେ
ଚାଲିବାର ପଥ ହୁଏ ଶୁଭ
କାହା ପାଇଁ ନିଜକୁ ଜାଳି
ମିଳିଥାଏ କି ଅବା ଲାଭ ?
ତୁମ ଆଖିର ଲୁହ
କାହାପାଇଁ ଅଭିଶାପ
ସମୟକୁ ବୁଝି ପାରିଲେ
ମନରେ ଆସେନାହିଁ ପାପ
ଦୁଃଖ ଦେଇ ହସୁଥିବା ମଣିଷ
ଦିନେ ଭିଜିବ ଲୁହରେ
ତୁମେ ଟିକେ ଅପେକ୍ଷା କର
ଏବେ ଚାଲିଛି ସେମାନଙ୍କ ବିଚାର ॥

**ସନ୍ତୋଷ କୁମାର ମହାନ୍ତି**
ସଫା, କଟକ

## ମୃତ୍ୟୁ

ମୁଁ ମୃତ୍ୟୁ
ଜୀବନର ଶତ୍ରୁ
ମୁଁ ଶେଷ କରେ ଜୀବନକୁ
ଭୟ ବିଷାଦର ଛାୟା
ବିଛେଇ ଦେଇ
ଛନକା ଦିଏ ଛାତିକୁ ।
ଯନ୍ତ୍ରଣାର ଜାଲ ବୁଣିଦିଏ
ତୁମ ପାଇଁ ଜୀବନ,
ହେଲେ ପୁଣି ଜଗତର ପ୍ରିୟ,
ସତ୍ୟ ନିଶ୍ଚୟ ମୁଁ ମୃତ୍ୟୁ
ତଥାପି ମୋତେ ପୋତି ପକାଅ
ଘୃଣାରେ କାହିଁକି କୁହ ?
ମୁଁ ଆଣି ଦିଏ ମୁକ୍ତି
ଉପହାର ଦେବି ଶାନ୍ତି
ମାୟା ମୋହକୁ ପରାଜିତ କରି
ପ୍ରଶାନ୍ତି ରଥର ସାଜିବି ମୁଁ ସେନାପତି ।

**ମନୀଷା ପଣ୍ଡା**
ଅଙ୍କରାନ୍ତିପୁର, ଢେଙ୍କାନାଳ

# ଅସମାହିତ ପ୍ରଶ୍ନ



କିଏ ଜଣେ ନିରେଖି ଦେଖୁଥିଲା ସେଦିନ ଏହି ସହରର କୋଳାହଳମୟ ଗାଡ଼ିମୋଟର ଶବ୍ଦର ଖଣ୍ଡେ ଦୂରରେ ଓଭର ବ୍ରିଜ୍ ନିକଟରେ ସାମାନ୍ୟ ଅନ୍ଧାରିଆ ନିରୋଳା ଜାଗାଟିରେ ଠିଆ ହୋଇଥିଲେ । ଦୁଇ ଜଣ ଯୁବକଯୁବତୀ, ସନ୍ଧ୍ୟା ଆକାଶର ଖୋଲା ଛାତ ତଳେ ଖୁବ୍ ପାଖାପାଖି ଦୁହେଁ ଖୁବ୍ ନିକଟତର ଅନ୍ତରଙ୍ଗ ଜଣା ପଡୁଥିଲେ । ଝିଅଟିର ନିରୀହପଣ ଛଳଛଳ ଆଖି କେତେ ଅକୁହା କଥା କହୁଥିଲା ତା' କୋମଳ ଭାଷାରୁ ଭାସିଆସୁଥିଲା ଆପଣାର ପଣରେ କେତେ ମାନ ଅଭିମାନ ।

ଆଖିରୁ ଝରି ପଡୁଥିଲା ଝରଝର ଅମାନିଆ ସ୍ନେହ ପ୍ରେମ ମିଶା ମୁକ୍ତା ବିନ୍ଦୁର ଝର । ମୁଁ ବି କିଛି ଦୂରରୁ ନିରେଖି ଦେଖୁଥିଲି ସେ ମୁକ୍ତା ବିନ୍ଦୁ ଭିତରୁ ଝଲସି ଉଠୁଥିଲା, ତା'ର ତୁମ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ଭାବ । ତୁମର ସେ ଅବୁଝା ପଣକୁ ସେ ସହ୍ୟ କରୁ ଥିଲା ଅତି ସନ୍ତର୍ପଣରେ-ତୁମେ ସେହି ଯୁବକ ନା ?

ସବୁ ଲାଜ ସରମକୁ ବଳି ପକାଇ ତୁମକୁ କିଏ ଦେଖୁଥିଲା ନ ଦେଖୁଥିଲା ସେ ଆଡ଼କୁ ନିଘା ନ କରି ଯୁବତୀଟିକୁ ପାଗେଳି ବୋଲି ସମ୍ବୋଧନ କରି ଖୁବ୍ ନିବିଡ଼ ତାର ସହ ତାକୁ କୋଳେଇ ନେଇଥିଲା ଏବଂ କହିଥିଲା- ମୁଁ ତୁମକୁ ଖୁବ୍ ଭଲପାଏ 'ଶ୍ରଦ୍ଧା' । ଖୁବ୍ ଭଲ ପାଇବାର ସମ୍ପର୍କ ଡୋରିକୁ ଶକ୍ତ କରିବାର ପ୍ରତିଶ୍ରୁତି ଦେଇଥିଲୁ ସେଦିନ ତାକୁ । ସେହି ଭଲପାଇବାରେ ହିଁ ସେ ଖୋଜୁଥିଲା, ତା' ବିଶ୍ୱାସର ପବିତ୍ର ସମ୍ପର୍କର ବନ୍ଧନରେ ଗଢ଼ିବ ସେ ସ୍ୱପ୍ନର ତାଜମହଲ । ତା' ପୂର୍ବରୁ ତୁମଠାରୁ ତାର ଆଉ କିଛି ପାଇବାର ଆଶା ନା ହରେଇବାର ଇଛା ଥିଲା । ମାତ୍ର ତା' ସ୍ନେହ ମମତା, ଭଲପାଇବାର ଅଧିକାର ପଣରେ ସେ ଦୌଡ଼ି ଆସୁଥିଲା ବାର୍ ବାର୍ ତୁମ ପାଖକୁ ସେହି ବିଶ୍ୱାସ ଭରସାକୁ ସାଥୀ କରି ।

ଦୁଃଖସୁଖର ଭାଗ ବଣ୍ଟାରେ କଟି ଯାଉଥିଲା ସମୟ । ଖୁସିର ତାଳେ ତାଳେ କେତେ ଅକୁହା ଯନ୍ତ୍ରଣା ପ୍ରଶମିତ ହେଉଥିଲା । ପରସ୍ପରର ଅଜାଣତରେ ମନ ଆନନ୍ଦରେ ପୁରି ଯାଉଥିଲା ।

ମୁହୂର୍ତ୍ତ, ମୁହୂର୍ତ୍ତ ସୁଖକୁ ସାଉଁଟି ସ୍ମୃତିରେ ସାଇତି ରଖିବାକୁ ସଦା ସ୍ୱପ୍ନ ଦେଖୁଥିଲା ଶ୍ରଦ୍ଧା । କିଏ କ'ଣ ଭାବିବ ନ ଭାବିବ ସେ କଥା କୁ ତା'ର ଖାତିର ନଥିଲା । କାରଣ ସେ ତା' ମନ ହୃଦୟ ଆତ୍ମାକୁ ସମର୍ପି ଦେଇଥିଲା ତା' ବିଶ୍ୱାସୀ ଆତ୍ମୀୟ ଲୋକ ପାଖରେ ।

ସେହି ଭଲ ପାଇବାର ଅଧିକାରର ଆପଣାର ପଣରେ ତା' ମନରେ ଉଙ୍କି ମାରୁଥିବା ଏକ ଅଭିମାନ ଭରା ପ୍ରଶ୍ନଟିଏ ବାଢ଼ିଥିଲା ସେଦିନ ସେ ତୁମ ପାଖରେ । ସେ ଜାଣି ନଥିଲା ତା'ର ସାମାନ୍ୟ ଛୋଟ ପ୍ରଶ୍ନଟିଏ ଏତେ ବଡ଼ ଝଡ଼ ସୃଷ୍ଟି କରିବ । ତା' ଭଲ ପାଇବା ମଧୁର ପବିତ୍ର ସମ୍ପର୍କର ତ୍ୟାଗରେ ବିଚ୍ଛିନ୍ନ ତା'ର ସେତୁ ବନ୍ଧା ହେବ । ଆଜି ଯାଏ 'ଶ୍ରଦ୍ଧା' ସହିତ ଯାହା ଚାଲିଥିଲା, ସବୁ ଥିଲା ଯେମିତି ମିଥ୍ୟା, ଛଳନା ।

ସେ ପାଗେଳି ମନରେ ଆଜି ଅନେକ ଅସମାହିତ ପ୍ରଶ୍ନ । କୁଆଡ଼େ ଗଲା ତୁମର ସେଦିନର ସେ ପ୍ରତିଶ୍ରୁତି ? କୁଆଡ଼େ ଗଲା ତୁମର ସେ ବଜ୍ର ଶପଥ, କୁଆଡ଼େ ଗଲା ତୁମର ସେ ପ୍ରତିଶ୍ରୁତିର ପୌରୁଷ ପଣିଆ । ଆପଣାର ଦମ୍ଭପଣ । ତୁମେ ତା'କୁ କଥା ଦେଇଥିଲ ନା ? ଆଜି ଅଛି ତୁମ ସାଥେ ସାଥେ, କାଲି ବି ରହିବି ସାତ ଜନ୍ମ ଯାଏ ।

ହେଲେ ଆଜି ଏ କ'ଣ ହେଲା ?

ତା' ଆଖିରୁ ଲୁହର ବନ୍ୟା ବୁହାଇ, ତା' ଜାଗାରେ ଆଉ କାହାକୁ ଖୁସି ଦେଇ ଗର୍ବ କରୁଛ । ତା' ବିଶ୍ୱାସ ଭରସାକୁ ଚୂର୍ଣ୍ଣ କରି ଶାନ୍ତିରେ ରହିପାରୁଛ ? କେମିତି ପାରୁଛ ତୁମେ ! ଏହା କ'ଣ ତୁମର ମହାନତା ମାନବପଣିଆ ? ସମ୍ପର୍କ କ'ଣ କଣ୍ଢେଇ ଖେଳ ନା ବାଲି ଘର ଆଜି ଗଢ଼ି କାଲି ଭାଙ୍ଗିଦେବ ! ଛଳନାମୟ ମିଛ ସମ୍ପର୍କ କ'ଣ ତିଷ୍ଠିପାରେ, ନା ଗଢ଼ିପାରେ ମଜଭୁତ କରେ ସ୍ୱପ୍ନର ସୌଧ ! କାଗଜଘର ପରି ଝଲକାଏ ପବନରେ ଭୁଶୁଡ଼ିପଡ଼େ ଏହି ମିଛ ଛଳନାର ସ୍ୱପ୍ନର ଘର । ଯେଉଁଠି ନ ଥାଏ ବିଶ୍ୱାସ ନାମକ ଶକ୍ତିର ଦୃଢ଼ପଣ । ତୁମେ ଆଜି ଶ୍ରଦ୍ଧାର ସେହି ବିଶ୍ୱାସ ଶକ୍ତି କୁ ଦୁର୍ବଳ କରି ଭାଙ୍ଗି ଦେଇଛ ସୁମନ୍ !

ପ୍ରକୃତରେ ଆଜିକାଲିର ସମାଜରେ ଏ ଦିଗରେ ଏତେ ବିଶୃଙ୍ଖଳା କାହିଁକି ? ଯାହା କି ଏପରି କରିବା ଉଚିତ୍ ନୁହେଁ, ଏକ ସମ୍ପର୍କ ସହ ଖେଳ ଖେଳି ବିନା କାରଣରେ ଜଣଙ୍କ ବିଶ୍ୱାସ ଭରସାକୁ ଭାଙ୍ଗି ଚୁର୍‌ମାର କରିଦେବା କେତେ ଦୂର ଯଥାର୍ଥତା ? ଯାହା କି ତୁମେ କଲ ସୁମନ, ହଁ କରିବନି ବା କେମିତି !

ଥରେ କୁଆଡ଼େ ଶୁଣିଥିଲା ତୁମର ସେହି ଅତି ଆଦରଣୀୟା, ପାଗେଳୀ ତୁମ ପାଖ ଲୋକ ପାଖରୁ କିଛି କଥା । ହେଲେ ସେଥିପ୍ରତି ଧ୍ୟାନ ଦେଇ ନଥିଲା । ଅନ୍ଧ ପରି ଭଲ ପାଉଥିଲା ତୁମକୁ । ଆଜି କିନ୍ତୁ ସେ ପାଗେଳୀ ବିଶ୍ୱାସ କରୁଛି ଓ ଅନୁଭବ କରୁଛି, ମଧ୍ୟ । ସତରେ, ତୁମେ ତ ବାସ୍ନାୟିତ ଫୁଲ ବଗିଚାରେ ରଙ୍ଗୀନ୍ ପ୍ରଜାପତିଙ୍କ ମେଳରେ ଏକଦମ ପାଗଳ ଭ୍ରମରଟିଏ ।

***ଅମ୍ବିକା ସ୍ୱାଇଁ***
ଭୁବନେଶ୍ୱର, ଖୋର୍ଦ୍ଧା



# ଶ୍ୱେତା

ସମ୍ପୂର୍ଣ୍ଣ ଦିନଟିର କର୍ମକଷଣ ଭିତରେ ବ୍ୟତିବ୍ୟସ୍ତ ହୋଇ ଘରମୁହାଁ ହୋଇ ଫେରିବା ସମୟରେ କ୍ଷୁଦା, କ୍ଳାନ୍ତତା ଓ ବିରକ୍ତିଭାବ ଏକାକାର ହୋଇ ମନକୁ ଭାରି କରି ପକାଉଥାଏ । ଏହି ସମୟରେ ଘରମୁହାଁ ଟାଉନ ବସଟିଏ କିମ୍ବା କୌଣସି ପରିଚିତଙ୍କର ଯାଜନ ଖଣ୍ଡିଏ ଦେଖିଦେଲେ କୋଟିନିଧି ପ୍ରାୟ ହେଲାଭଳି ମନେ ହୁଏ । ପ୍ରତ୍ୟେକ ଦିନର ଏହି ନିତ୍ୟ ନୈମିତ୍ୟ କାହାଣୀର ପୃଷ୍ଠାକୁ ମୁଁ ଦୈନିକ ପଠନ କରୁଥାଏ ନୂତନ ଛବିବହି ଧରିଥିବା ଶିଶୁଟି ପରି ।

ଘରମୁହାଁ ଶେଷ ବସ୍ ଠିକ୍ ରାତି ଆଠଟାରେ ସବୁ କାର୍ଯ୍ୟକୁ ପଛରେ ପକାଇ ଛୁଟି ଆସେ ଷ୍ଟାଣ୍ଡ ନିକଟକୁ ବସ୍‌ରେ ସିଟ୍‌ଟିଏ ମିଳିବା ମଧ୍ୟ କାଠିକର ପାଠ, ତେଣୁ ଶୀଘ୍ର ଆସିବା କଥା ନିହାତି ଦରକାର, ବସ୍ ମଧ୍ୟରେ ନାରୀ ଯାତ୍ରୀମାନଙ୍କର ସାନ୍ନିଧ ଆଶାରେ ଆଗ ସିଟ୍‌ରେ ବସିବା ମଧ୍ୟ ଏକ ପ୍ରତିଯୋଗିତା କହିଲେ ଅତ୍ୟୁକ୍ତି ହେବ ନାହିଁ । ମୁଁ ପ୍ରତ୍ୟେହ ପୁରୁଷମାନଙ୍କ ପାଇଁ ଅଭିପ୍ରେତ କଣ୍ଡକ୍ଟରର ପଛପଟ ସିଟ୍‌ଟିକୁ ଅକ୍ତିଆରରେ ନେଇ ଆସେ । ଏହି ସିଟ୍‌ର ଠିକ୍ ଡାହାଣ ପାର୍ଶ୍ୱର ସାଇଟ୍ ସିଟ୍‌ଟିକୁ ମୋ ଭଳି ଖୁବ୍ ଶୀଘ୍ର ଆସି ଅକ୍ତିଆରରେ ରଖୁଥିବା ଅନ୍ୟ ଜଣେ ସହଯାତ୍ରୀ ହେଉଛି କୋଡ଼ିଏରୁ ବାଇଶ ବର୍ଷ ମଧ୍ୟରେ କଲେଜ ପଢ଼ା ଶେଷ କରିଥିବା ଜଣେ ଝିଅ । ନାଁ କିମ୍ବା ଠିକଣା କଥା ନଥିଲେ ହେଁ ଏମିତି ସବୁଦିନିଆ ସହ ଯାତ୍ରୀ ହିସାବରେ ସେ ମୋତେ ଭଲ ଭାବରେ ଜାଣେ ମୁଁ ମଧ୍ୟ ତାକୁ, ହେଲେ ପରସ୍ପର ପରସ୍ପରକୁ ଜାଣିବା ପାଇଁ ମନ ଭିତରେ ଆନ୍ଦୋଳନ ହେଉଥିଲେ ହେଁ କେହି କେବେ ସାହସ ବାନ୍ଧିପାରିନାହୁଁ, ଆମର କିନ୍ତୁ ପରସ୍ପରର ଚାହାଣୀ ମଧ୍ୟରେ ରହିଥାଏ ଅନେକ ପ୍ରଶ୍ନବାଚୀ ଏହା ହିଁ ଥିଲା ଆମର ସମ୍ପର୍କ ଓ ପରିଚୟ, ମାତ୍ର କୌଣସି ଦିନ ଯଦି ସେ ସିଟ୍‌ଟି ଖାଲି ପଡ଼ିଯାଏ ମୋ ମନରେ ଅନେକ ପ୍ରଶ୍ନବାଚୀ ବାରମ୍ବାର ଫୁଟି ମୋତେ ବ୍ୟତିବ୍ୟସ୍ତ କରିପକାଏ । ମନର ଅକୁହା କଥା ଓ ବିଷମ ଯନ୍ତ୍ରଣାକୁ ହୃଦୟରେ ଚାପି ରଖି ଘରକୁ ଫେରେ ।

ଏହିପରି କିଛି ଦିନ ଗଲା ପରେ ହଠାତ୍ ଦିନେ ବସ୍ ଧର୍ମଘଟ ଯୋଗୁଁ ବସ୍ ସବୁ ବନ୍ଦ ହୋଇ ଯାଇଥିବା ଦେଖି ଜଣେ ସାଙ୍ଗ ନିକଟରୁ ସ୍କୁଟରଟେ ମାଗି ଆଣି ଘର ଆଡକୁ ଅଗ୍ରସର ହେଲି ମାତ୍ର ଅଭ୍ୟାସ ଅନୁଯାୟୀ ବସ୍ ଷ୍ଟାଣ୍ଡ ଦେଇ ଚାଲିଯାଉଥିବା ସମୟରେ ହଠାତ ମୋର ସେହି ପୂର୍ବ ପରିଚିତା ଝିଅଟି ସହ ଦେଖା ହୋଇଗଲା । ବ୍ୟସ୍ତତା ମଧ୍ୟରେ ସେ ଚାହିଁ ରହିଥିଲା କାଳେ କୌଣସି ଦିଗରୁ ବସ୍‌ଟିଏ ଆସିଯାନ୍ତା । ଏପରି ଅଚାନକ ଧର୍ମଘଟ ବିଷୟରେ ସେ ବୋଧହୁଏ ପୂର୍ବରୁ ଅବଗତ ନଥିବାରୁ ତା'ର ଆଜି ଏପରି ଅବସ୍ଥା ଝିଅଟିର ମୁଖ ମଣ୍ଡଳରେ ଥିଲା ବିକଳତାର ଚିହ୍ନ । ମୋତେ ହଠାତ ଦେଖି କିପରି ଏକ ପ୍ରଶ୍ନବାଚୀ ନୟନରେ ମୋ ଆଡକୁ ସେ ଚାହିଁ ରହିଲା । ସବୁ ଭଦ୍ରତାକୁ ପଛରେ ପକାଇ ସ୍କୁଟରଟି ତା ପାଖକୁ ନେଇ ଘରେ ଛାଡ଼ି ଦେବା ପାଇଁ ଛୋଟ ଅନୁରୋଧଟିଏ କରିଦେଲି । ସଙ୍ଗେ ସଙ୍ଗେ ବିନା ବାକ୍ୟ ବିନିମୟରେ ଝିଅଟି ମୋର ପଛ ସିଟ୍‌ରେ ବସି ପଡ଼ିଲା । ସମଗ୍ର ରାସ୍ତାଟି ଭିତରେ ଅନେକ କିଛି ପଚାରି ବୁଝିବାକୁ ଜିଭଟା ଲେଉଟି ଆସୁଥିଲେ ହେଁ ସମୁଦ୍ରର ଲହରୀ ପରି ପୁନଃ ଫେରି ଯାଉଥାଏ ମନ ଭିତରକୁ । ମୋ ମନ ଭିତରଟା ଆନ୍ଦୋଳିତ ହୋଇ ଉଠୁଥିଲା । ସମସ୍ତ ସାହସ ଏକାକାର କରି ସାହସ ବାନ୍ଧିଲି ଗୋଟେ ନିଃଶ୍ୱାସରେ ଯାହା ମନକୁ ଆସୁଛି କହିଦେବି ବୋଲି, ହଠାତ୍ ଗାଡ଼ି ରୋକିବାକୁ ପଛରୁ ନିର୍ଦ୍ଦେଶ ପାଇଲି, ଝିଅଟି ଆସ୍ତେ ପଛରୁ ଓହ୍ଲାଇ ଯାଇ ଧନ୍ୟବାଦଟିଏ ଜଣାଇଲା ଏବଂ କିଛି ସମୟ ପରେ ରାତ୍ରିର ଅନ୍ଧକାର ଭିତରେ ଉଭେଇଗଲା । ଯାହା ସବୁ ହଠାତ୍ ହୋଇଗଲା ସେଇଟା ମୁଁ ସ୍ୱପ୍ନ ଦେଖୁଥିଲି ନା ବାସ୍ତବ ଏହା ଭାବି ଭାବି ମୋ ଘରର ଫାଟକ ନିକଟରେ ପହଞ୍ଚିଗଲି ।

ବସ୍ ବାଲାଙ୍କର ଧର୍ମଘଟ ଜନିତ ଦାବି ପୂରଣ ହେଲା କି ନାହିଁ ଜାଣିପାରିଲି ନାହିଁ । ମାତ୍ର ତଦ୍‌ଜନୀତ ଫଳ ମୋ ପାଇଁ ଖୁବ ଭଲ ଥିଲା । ସେହିଦିଠାରୁ ଅପରିଚିତା ଝିଅଟି ପରିଚିତା ହେଲା । ସେହିଦିନଠାରୁ ବସ୍ ଯାତ୍ରାର କ୍ଷୀଣ ସମୟ ମୋ ପାଇଁ ଖୁବ୍ ମାଦକ ପୂର୍ଣ୍ଣ ହେଲା । ପରସ୍ପର ପ୍ରତି ସାମାନ୍ୟ ସମ୍ଭାଷଣ, ଚାହାଁଣିର ବିନିମୟ ଦୁହିଁଙ୍କ ମଧ୍ୟରେ ବ୍ୟବଧାନକୁ କ୍ଷୁଦ୍ର କରିପାରିଲା । କ୍ରମେ ପରସ୍ପର ପରସ୍ପର ପାଇଁ ନିଜ ପାଖ ସିଟ୍‌ଟାକୁ ଅନ୍ୟମାନଙ୍କ କବଳରୁ ରକ୍ଷା କରିବା ପାଇଁ ଚେଷ୍ଟା କଲୁ । କଥପକଥନରେ ଅନ୍ତରଙ୍ଗତା ଭିତରେ ନାଁଟା ଜାଣିପାରିଲି 'ଶ୍ୱେତା' ବୋଲି ।

ଅନ୍ତରଙ୍ଗତାର ଏକ ବିଶେଷ ମୁହୂର୍ତ୍ତରେ ମୁଁ ଶ୍ୱେତାକୁ ଏକ ସାମାନ୍ୟ ପ୍ରସ୍ତାବ ଦେଲି । ଆସନ୍ତା ରବିବାର ଦିନ ସହରର ଏକ ରେସ୍ତୋରାଁରେ ମିଶିବା ପାଇଁ । ମୋର ଏହି ପ୍ରସ୍ତାବଟିକୁ ସେ ମଧ୍ୟ ସହଜରେ ଗ୍ରହଣ କରି ନେଲା । ସେହି ରେସ୍ତୋରାଁରେ ଅନେକ କିଛି ମନକଥା କହିବାକୁ ସ୍ଥିର କରି ନେଲି ମନେ ମନେ । ପ୍ରତୀକ୍ଷାର ଦିବସଟି ଆସିଲା ସକାଳୁ ପ୍ରାୟ ଦୁଇଶହ ଥର ଘଣ୍ଟାଟିର ମୁହଁଟାକୁ ଚାହୁଁଥାଏ । ତିନି ହଳ ପୋଷାକ ଥର ଥର କରି ପିନ୍ଧି ଓହ୍ଲାଇ ଚତୁର୍ଥ ହଳକୁ ଠିକ୍ କଲି ଏଇଟି ହିଁ ଖୁବ୍ ମାନୁଛି ମୋତେ । ଘରକୁ କେହି ପରିଚିତ ବ୍ୟକ୍ତି ଖୋଜି ଆସିଲେ ମୁଁ ନାହିଁ ବୋଲି ଘରେ କହି ଦେବାକୁ ଜଣାଇ ସେହି ମୁହୂର୍ତ୍ତକୁ ଚାହିଁ ରହିଲି । ରେସ୍ତୋରାଁରେ ପହଞ୍ଚିବାର ନିର୍ଦ୍ଦିଷ୍ଟ ସମୟରେ ଚାଳିଶ ମିନିଟ ଆଗରୁ ପହଞ୍ଚିଲି । ପ୍ରତୀକ୍ଷାର ମୁହୂର୍ତ୍ତ ଶେଷ ହେଲା । ଶ୍ୱେତା ଭାଓଲେଟ କଲର ଚୁଡ଼ିଦାର ସାଲୱାର ପିନ୍ଧି ନିଜର ସାଜସଜ୍ଜାକୁ ଟିକିଏ ମନଲୋଭା ଭାବରେ ସଜାଇ ପହଞ୍ଚିଯିବାରୁ ମୁଁ କିଛି ସମୟ ବାସ୍ତବତାକୁ ଭୁଲିଯିବାକୁ ଲାଗିଲି । ପରେ ପରେ ପ୍ରକୃତିସ୍ଥ ହୋଇ ଦୁହେଁ ରେସ୍ତୋରାଁ ଭିତରକୁ ଚାଲିଗଲୁ ।

ଛୋଟ ଝରଣାଟି ଝରିଝରି ଜଳଧାରା ଦେଲା ପରେ ନଦୀଟିଏ ହେବା ପାଇଁ ସ୍ୱପ୍ନ ଦେଖେ । ତାହା ସାର୍ଥକ ହୋଇଗଲେ ପୁନଃ ସାଗର ସହିତ ମିଶି ଜୀବନକୁ ସାର୍ଥକ କରିବାକୁ ଆଶା ବାନ୍ଧିଥାଏ । ଠିକ୍ ସେହିପରି ମୋର ଜଳଧାରାଟିକୁ ନଦୀ ଆକାର ଦେବା ପାଇଁ ଇଚ୍ଛା କରି ଯେତେବେଳେ ଗୋଟିଏ ଦିନ ପାଇଁ ମୋ ସହିତ ପୁରୀ ଯିବା ପାଇଁ ଶ୍ୱେତାକୁ ଅନୁରୋଧଟିଏ କରିଦେଲି ସେତେବେଳେ ମୁଁ ମୋ ନିଜକୁ ହଜାଇ ବସିଲା ଭଳି ମନେ କଲି । ଚୋରାବାଲି ଭିତରେ ମୋ ଗୋଡ଼ଟା ପଶି ପଶି ଯାଉଥିବାର ଅନୁଭବ କଲି । ଖଣ୍ଡିଆ ଭୂତର ଗୋଲାକାର ବାୟୁ ସ୍ତମ୍ଭକର ଶୂନ୍ୟକୁ ଉଠିଯିବା ଭଳି ମୋର ମନେ ହେଲା । ଚତୁର୍ଦ୍ଦିଗ କେବଳ ଅନ୍ଧକାର ହିଁ ଅନ୍ଧକାର ଭଳି ଲାଗିଲା । ଶ୍ୱେତା ହୁଏତ ସେଦିନ ମୋ ପ୍ରସ୍ତାବଟିକୁ ନିର୍ଦ୍ଦୟ ଭାବରେ ପ୍ରତ୍ୟାଖ୍ୟାନ କରିନଥିଲା ମାତ୍ର ମୁହଁ ଖୋଲି ମୋତେ ସିଧାସାଧା କହି ପକାଇଲା ଯଦି ଉକ୍ତ ଦିନଟିର ଯଥାର୍ଥ ମୂଲ୍ୟ ତା ଘରେ ଥିବା ସାବତ ମା'କୁ ଦେଇ ଦିଆଯାଏ ତେବେ ସେ ପୁରୀ ଯିବାକୁ ସାମାନ୍ୟ ଆପତ୍ତି ମଧ୍ୟ କରିବ ନାହିଁ । ଭବିଷ୍ୟତ ଜୀବନରେ ଶ୍ୱେତାକୁ ନେଇ ହୃଦୟରେ ଗଢ଼ି ଦେଇଥିବା ତାଜମହଲଟି ମୋ ସମ୍ମୁଖରେ ଭୂମିକମ୍ପର ଶିକାର ହୋଇ ଖଣ୍ଡଖଣ୍ଡ ଭାବରେ ଚୁରମାର ହୋଇ ଯାଉଥିବାର ଲକ୍ଷ୍ୟ କଲି ଖୁବ୍ ଅତର୍କିତ ଭାବରେ ।

***ତାପସ ସାମନ୍ତରାୟ***
ଭୁବନେଶ୍ୱର, ଖୋର୍ଦ୍ଧା

# ପୁଅ ବି ପିନ୍ଧନ୍ତି ଜୁଏଲାରୀ

କେବଳ ଯେ ଝିଅମାନେ ଗହଣା ପିନ୍ଧନ୍ତି ତାହା ନୁହେଁ । ପୁଅମାନଙ୍କ ପାଇଁ ମଧ୍ୟ ଗହଣା ରହିଛି ଯାହା ସେମାନଙ୍କୁ ଏକ କୁଲ୍ ଲୁକ ଦେଇଥାଏ । ଏଥିରେ ହାତ, କାନ ଓ ବେକ ଆଦି ଅଙ୍ଗର ଗହଣା ସାମିଲ ରହିଛି ।







## ବ୍ରେସ୍‌ଲେଟ୍

ପୁଅପିଲାଙ୍କର ପସନ୍ଦ ତାଲିକାରେ ଏହା ସବୁଠାରୁ ଆଗରେ ରହିଥାଏ। ଏହା ସେମାନଙ୍କ ଆଉଟ୍‌ଫିଟ୍‌କୁ ଏକ ଡିଫରେଣ୍ଟ ଲୁକ୍ ଦେଇଥାଏ। ଏହାକୁ ରିଙ୍ଗ୍ ଓ ନେକ୍‌ଲେସ୍ ସହିତ ମ୍ୟାଚ କରି ପିନ୍ଧା ଯାଇପାରିବ। ପ୍ଲାଟିନମ୍, ସୁନା, ରୁପା ଓ ହୀରାର ବ୍ରେସଲେଟ୍ ରହିଛି। ଅନ୍ୟ କେତେକ ଗ୍ୟାରେଣ୍ଟି ରହିଥିବା ବ୍ରେସ୍‌ଲେଟ୍ ମଧ୍ୟ ବଜାରରେ ମିଳିଥାଏ। ଏଗୁଡ଼ିକ ଖୁବ ସୁନ୍ଦର ହୋଇଥାଏ ।

## ରିଙ୍ଗ୍

ସାଧାରଣତଃ ଝିଅପିଲାମାନେ ରିଙ୍ଗ୍ ବା ମୁଦି ପିନ୍ଧନ୍ତି। ହେଲେ ଆଜିକାଲି ପୁଅଙ୍କ ଫ୍ୟାଶନରେ ରିଙ୍ଗ୍ ବି ସାମିଲ ହେଲାଣି। ବର୍ତ୍ତମାନ ବିଭିନ୍ନ ଭେରାଇଟି ଆଉ ଷ୍ଟାଇଲର ରିଙ୍ଗ୍ ମାର୍କେଟରେ ମିଳୁଛି। ଏହା ଆପଣ ନିଜ ପର୍ସନାଲିଟିକୁ ସୁଟ୍ କରିବା ଭଳି କିଣି ପାରିବେ। ସେହିଭଳି ଏଥିରେ କଷ୍ଟମାଇଜ୍ ରିଙ୍ଗ୍‌କୁ ମଧ୍ୟ ସାମିଲ କରିପାରିବେ। ଏହାକୁ ମଧ୍ୟ ବ୍ରେସ୍‌ଲେଟ୍ କିମ୍ବା ନେକ୍‌ଲେସ୍ ସହିତ ମ୍ୟାଚ କରି ପିନ୍ଧା ଯାଇପାରିବ ।

## ନେକ୍‌ଲେସ୍

ସାଧାରଣତଃ ଝିଅ ବୋହୂମାନେ ନେକଲେସ୍ ବା ହାର ପିନ୍ଧିବାର ଦେଖିଥିବେ, କିନ୍ତୁ ଏବେ ଯୁଗ ବଦଳିଲାଣି। ପୁଅଙ୍କ ଫ୍ୟାଶନରେ ବି ଏହା ସାମିଲ ହେଲାଣି। ପୁଅମାନେ ଏବେ ରୁପା କିମ୍ବା ପ୍ଲାଟିନମ୍‌ର ନେକଲେସ୍ ପିନ୍ଧୁଛନ୍ତି। ଏଥିରେ ଭେରାଇଟିର ଲକେଟ୍ ରହୁଛି। ଏଥିରେ କଷ୍ଟମାଇଜ୍ ଲକେଟ୍‌ର ଚାହିଦା ବେଶି ରହୁଛି। ଯାହାକୁ ସେମାନେ ପର୍ସନାଲିଟି ଓ ପସନ୍ଦ ହିସାବରେ କଷ୍ଟମାଇଜ୍ କରି ପିନ୍ଧୁଛନ୍ତି।

## କଫ୍‌ଲିଙ୍କ୍‌ସ

କଫ୍‌ଲିଙ୍କ୍‌ସକୁ ପୁଅଙ୍କର କ୍ଲାସିକାଲ ଜୁଏଲାରୀ ଭାବେ ସମ୍ବୋଧନ କରାଯାଏ। ଏହାକୁ ବିଜ୍‌ନେସ୍ ଡ୍ରେସ୍ ହେଉ କିମ୍ବା ଅକେଜ୍‌ନାଲ୍ ଆଉଟ୍‌ଫିଟ୍ ସବୁସହିତ ପିନ୍ଧା ଯାଇପାରିବ। ଏହାର ଅନ୍ୟ ନାମ କର୍ପୋରେଟ୍ ଜୁଏଲାରୀ ମଧ୍ୟ। ଏହାକୁ ଆଜିକାଲିର ଯୁବକମାନେ ଅଫିସ୍‌ଠାରୁ ଆରମ୍ଭ କରି ସବୁ ଜାଗାରେ ପିନ୍ଧିଛନ୍ତି।

## ଲାପେଲ୍ ପିନ୍ସ

ଏହା ଯେ କୌଣସି ସ୍ମାର୍ଟ କାଜୁଆଲ୍ ଆଉଟ୍‌ଫିଟ୍‌କୁ ଫିନିସିଂ ଟଚ୍ ଦେଇଥାଏ। ଏହା ସୁଟ୍‌କୁ ଷ୍ଟାଇଲ୍ କରିବାରେ ବିଶେଷ ସହାୟକ ହୋଇଥାଏ। ଏହାର ବିଭିନ୍ନ ପ୍ରକାର ଓ ଡିଜାଇନ୍ ରହିଛି ଯାହାକୁ ଆପଣ ନିଜ ପସନ୍ଦ ହିସାବରେ ଷ୍ଟାଇଲ୍ କରିପାରିବେ। ଏହାକୁ ସୁଟ୍ କଲର୍ ଓ କେଉଁ ଫଙ୍କସନ୍‌ରେ ଆପଣ ଯୋଗଦେଉଛନ୍ତି ସେହି ହିସାବରେ ପସନ୍ଦ କରନ୍ତୁ ଆପଣଙ୍କୁ ଏକ ୟୁନିକ୍ ଲୁକ୍ ମିଳିବ।





# ମଇଳା ଫ୍ରିଜ୍ ସଫା ରଖିବାର ଉପାୟ

ଘରେ ସମସ୍ତ ଜିନିଷକୁ ସଫା ରଖିବାକୁ ଚେଷ୍ଟା କରାଯାଇଥାଏ। କିନ୍ତୁ କେତେକ ଜିନିଷ ଏଭଳି ରହିଛି, ଯାହାକୁ ସଫା କରିବାକୁ ସମୟ ଲାଗିଥାଏ। ଏହି ତାଲିକାରେ ସର୍ବପ୍ରଥମ ନାମ ହେଉଛି ଫ୍ରିଜ। ଏହାକୁ ଭଲ ଭାବେ ସଫା କରିବା ସମୟସାପେକ୍ଷ। ଅନେକ ସମୟରେ ଫ୍ରିଜରେ ରଖାଯାଇଥିବା ଜିନିଷ କାରଣରୁ ଏଥିରେ ହଳଦିଆ ଦାଗ ହୋଇଯାଏ। ଏହି କାରଣରୁ ଫ୍ରିଜରୁ ଦୁର୍ଗନ୍ଧ ବାହାରିବାରେ ଲାଗିଥାଏ। ଏପରିସ୍ଥଳେ ନିୟମିତ ବ୍ୟବଧାନରେ ଫ୍ରିଜ ସଫା କରିବା ଜରୁରୀ। ଚାଲନ୍ତୁ ଜାଣିବା କେତେକ ଘରୋଇ ଉପାୟ ଅବଲମ୍ବନ କରି ଫ୍ରିଜକୁ କେମିତି ସଫା କରିବେ।

➩ ଫ୍ରିଜକୁ ଡିଫ୍ରଷ୍ଟ କରନ୍ତୁ। ଏବେ ଗରମ ପାଣିରେ କିଛି ଡିଟରଜେଣ୍ଟ ପାଉଡର ପକାନ୍ତୁ। ଏହାକୁ ଭଲ ଭାବେ ମିଶାଇ କପଡ଼ା ସାହାଯ୍ୟରେ ଫ୍ରିଜକୁ ପୂରା ସଫା କରନ୍ତୁ।

➩ କ୍ଲିନିଂ ପାଇଁ ସଲ୍ୟୁସନ୍ ତିଆରି କରିପାରିବେ। ଏଥିପାଇଁ ଏକ କପ ଭିନେଗାରରେ ଏକ ଚତୁର୍ଥାଂଶ କପ ଖାଇବା ସୋଡ଼ା ପକାଇ ଭଲ ଭାବେ ମିଶ୍ରଣ କରନ୍ତୁ। ଏଥିରେ ଫ୍ରିଜ ସଫା କରନ୍ତୁ।

➩ ହଳଦିଆ ଦାଗ ରହିଥିଲେ ଏସିଡ୍ ବି ବ୍ୟବହାର କରିପାରିବେ। ଟୁଥ ବ୍ରଶରେ କିଛି ମାତ୍ରାରେ ଏସିଡ ନେଇ ହଳଦିଆ ଦାଗ ଉପରେ ଲଗାଇ ସଫା କରନ୍ତୁ। ଧ୍ୟାନରେ ରଖନ୍ତୁ ଏସିଡ ତ୍ୱଚାକୁ କ୍ଷତି ପହଞ୍ଚାଇଥାଏ। ତେଣୁ ଧ୍ୟାନର ସହ ଏହାକୁ ବ୍ୟବହାର କରନ୍ତୁ।

➩ ଫ୍ରିଜକୁ ଓଦା କପଡ଼ାରେ ଭଲ ଭାବେ ସଫା କରନ୍ତୁ। ଫ୍ରିଜରେ ଥିବା କାଚ ପ୍ଲେଟକୁ ଭଲ ଭାବେ ଧୋଇ କିଛି ସମୟ ଖୋଲା କରି ଶୁଖିବାକୁ ଛାଡ଼ି ଦିଅନ୍ତୁ। ଯଦି ଫ୍ରିଜରୁ ଦୁର୍ଗନ୍ଧ ବାହାରୁଛି, ତେବେ ହ୍ୱାଇଟ ଭିନେଗାର ବ୍ୟବହାର କରନ୍ତୁ। ଏପରି କରିବା ଦ୍ୱାରା ଫ୍ରିଜରୁ ଦୁର୍ଗନ୍ଧ ଦୂର ହୋଇଯିବ।





# କିଛି ବିରଳ ଓ ଦୁର୍ମୂଲ୍ୟ ମାଛ

**ଜଳଭାଗ ହେଉ କି ସ୍ଥଳଭାଗ – ସବୁଠି ରହିଛି ବିବିଧ ସମ୍ପଦର ଗନ୍ତାଘର। ଯେତେବେଳେ ଜଳଭାଗ କଥା ଉଠେ, ସେତେବେଳେ ବହୁବିଧ ଜଳଜୀବଙ୍କ ଦୃଶ୍ୟ ଆଖି ଆଗରେ ନାଚିଯାଏ। ଯେଉଁମାନଙ୍କ ମଧ୍ୟରେ ମୁଖ୍ୟ ହେଉଛି ମାଛ। ତେବେ ମାଛ ଭିତରେ କିଛି ମାଛ ଅଛନ୍ତି, ଯାହା ଖୁବ୍ ବିରଳ ଆଉ ଦୁର୍ମୂଲ୍ୟ...**

ଭାରତକୁ ସାଧାରଣତଃ ବିବିଧତାର ଗନ୍ତାଘର ବୋଲି କୁହାଯାଇଥାଏ। ଜଳଭାଗ ହେଉ କି ସ୍ଥଳଭାଗ – ସବୁଠି ରହିଛି ବିବିଧ ସମ୍ପଦର ଗନ୍ତାଘର। ଯେତେବେଳେ ଜଳଭାଗ କଥା ଉଠେ, ଅର୍ଥାତ୍ ମୁଖ୍ୟତଃ ନଦୀ ସମୁଦ୍ରର କଥା କୁହାଯାଏ ସେତେବେଳେ ବହୁବିଧ ଚମକପ୍ରଦ ଜଳଜୀବଙ୍କ ଦୃଶ୍ୟ ଆଖିରେ ନାଚିଯାଏ। ପୁଣି ଏକଥା ଭୁଲିଯିବା ଉଚିତ ନୁହେଁ ଯେ, ଭାରତୀୟ ମହାଦେଶରେ ମାଛ ହେଉଛି ଏକ ଅତିପ୍ରିୟ ଖାଦ୍ୟ। ପ୍ରାୟ ସତୁରି ପ୍ରତିଶତ ଲୋକ ଏଠାରେ ମାଛକୁ ଏକ ମୁଖ୍ୟ ଆମିଷ ଖାଦ୍ୟ ଭାବରେ ବିବେଚନା କରିଥାନ୍ତି। ଏହାକୁ ଆଖି ଆଗରେ ରଖି ପ୍ରକୃତି ମଧ୍ୟ ଭାରତୀୟ ଜଳଭଣ୍ଡାରକୁ ଭିନ୍ନଭିନ୍ନ ପ୍ରଜାତିର ମତ୍ସ୍ୟ ସମ୍ପଦରେ ଭରିଦେଇଛି। ସେଥିଲାଗି ଏକଥା ଯଥାର୍ଥରେ କୁହାଯାଏ ଯେ, ଭାରତ ହେଉଛି ଭିନ୍ନଭିନ୍ନ ମତ୍ସ୍ୟ ସମ୍ପଦର ଏକ ଗନ୍ତାଘର। ଏଠାରେ ଏକ ବୃହତ୍ ସଂଖ୍ୟକ ସ୍ଥାନୀୟ ପ୍ରଜାତି ମିଳନ୍ତି। ସ୍ଥାନୀୟ ପ୍ରଜାତିର ଅର୍ଥ ଯାହା ଅନ୍ୟ କେଉଁଠାରେ ଦେଖାଯାଆନ୍ତି ନାହିଁ। ଏହାର କାରଣ ଭାରତର ଭୌଗୋଳିକ ଗଠନ। ତଥ୍ୟ ଅନୁଯାୟୀ ଭାରତୀୟ ଜୈବ ବିବିଧତା ମୁଖ୍ୟତଃ ଦୁଇଗୋଟି ହଟ୍‌ସ୍ପଟ୍ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ। ଗୋଟିଏ ହେଉଛି ପୂର୍ବ ହିମାଳୟ ପାର୍ବତ୍ୟ ଶ୍ରେଣୀ ଏବଂ ଅନ୍ୟଟି ପଶ୍ଚିମଘାଟ ପର୍ବତମାଳା। ସେଥିପାଇଁ ଭାରତରେ ବହୁ ପ୍ରଜାତିର ବିରଳ ମାଛ ଦେଖିବାକୁ ମିଳିଥାନ୍ତି।

**ରୱାସ୍:** ଏହା ମୁଖ୍ୟତଃ ଭାରତରେ ଦେଖିବାକୁ ମିଳୁଥିବା ଏକ ବିଶେଷ ପ୍ରଜାତିର ମାଛ। ଏହାକୁ ଇଣ୍ଡିଆନ୍ ସଲୋମନ୍ ବୋଲି କୁହାଯାଇଥାଏ। ଆମେରିକା ବ୍ରିଟେନ୍ ଭଳି ରାଷ୍ଟ୍ରରେ ସଲୋମନ୍ ମାଛର ଯେମିତି ଆଦର ଭାରତରେ ରୱାସ୍‌ର ମଧ୍ୟ ଠିକ୍ ସେମିତି ଆଦର। ଗୁଜୁରାଟ୍, ମହାରାଷ୍ଟ୍ରର ଉପକୂଳ ଅଞ୍ଚଳରେ ଏହି ମାଛ ଅଧିକ ପରିମାଣରେ ଦେଖାଯାଆନ୍ତି। ସାଧାରଣତଃ ଏମାନେ କାଦୁଆ ସ୍ଥାନରେ ନଦୀ କିମ୍ବା ପୋଖରୀର ସମ୍ପୂର୍ଣ୍ଣ ନିମ୍ନ ଭାଗରେ ରହିଥାନ୍ତି। ଏହା ପଲିନେମିଡ୍ ଫ୍ୟାମିଲି ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଏହାର ବୈଜ୍ଞାନିକ ନାମ ହେଉଛି 'ଇଲୁଥେରୋନିମା ଟେଟ୍ରାଡାକ୍‌ଟିଲମ୍'। ଏହାକୁ କେହିକେହି ମତ୍ସ୍ୟ ଗବେଷକ 'ବ୍ଲୁ ଥ୍ରେଡ୍‌ଫିନ୍' ମଧ୍ୟ କହିଥାନ୍ତି। ଭାରତ ବ୍ୟତୀତ ବାଂଲାଦେଶରେ ମଧ୍ୟ ଏହା ଦେଖିବାକୁ ମିଳିଥାଏ। ଏହା କିଲୋପ୍ରତି ଦର ୧୦୦୦ଟଙ୍କାରୁ ୧୫୦୦ଟଙ୍କା ମଧ୍ୟରେ ବିକ୍ରିହୋଇଥାଏ।


**ସୁରମୟୀ ବା ସିର ଫିସ୍:** ମୁଖ୍ୟତଃ ଭାରତୀୟ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଦେଖିବାକୁ ମିଳୁଥିବା ଏହି ମାଛର ଏକ ବିଶେଷ ଚାହିଦା ରହିଛି ଭାରତରେ। ଏହାକୁ ମଧ୍ୟ ଗେମ୍ ଫିସ୍ ବୋଲି କୁହାଯାଏ। ଏହାର ପ୍ରାଣୀ ବୈଜ୍ଞାନିକ ନାମ ହେଉଛି ସ୍କମ୍ବରୋମରୋସ୍ ଗୁଟାଟସ୍। ଏହା ସର୍ବାଧିକ ୪୫କେଜି ପର୍ଯ୍ୟନ୍ତ ବଢ଼ିଥାଏ। ଏହାକୁ କୌଣସି କୌଣସି ସ୍ଥାନରେ ଭିନ୍ନନାମରେ ମଧ୍ୟ ଜଣାଯାଇଥାଏ। ଯଥା- ଅନ୍‌ଜାଲ, ଇସ୍ୱାନ୍ ପ୍ରଭୃତି।

**ତେଲିଆଶିଳା:** 'ତେଲିଆଶିଳା' ନାଁଟି ହୁଏତ ନୂଆ ନୁହେଁ। କାରଣ ଚଳିତବର୍ଷ ଧାମରାର ମତ୍ସ୍ୟଜୀବୀମାନେ ୮ଟି ତେଲିଆଶିଳା ଧରିବା ଖବର ବେଶ୍ ଚର୍ଚ୍ଚାରେ ରହିଥିଲା। ମତ୍ସ୍ୟ ଗବେଷକଙ୍କ ମତରେ ତେଲିଆଶିଳା ଏକ ବିରଳ ପ୍ରଜାତିର ମାଛ। ମାଛ ଗୋଟାର ଦାମ ଦେଢ ଲକ୍ଷ ଟଙ୍କା ଯାହା ସହଜରେ ବିଶ୍ୱାସ କରି ହୁଏନା। ମାତ୍ର ଏହା ସତ । ଯେଉଁ ମତ୍ସ୍ୟଜୀବୀର ଜାଲରେ ଏହି ମାଛ ପଡ଼ିଲା ସେ ମାଲାମାଲ ହୋଇଗଲା ଜାଣ। ଇଲିଶ ମାଛଠାରୁ ଏହାର ମୂଲ୍ୟ ମଧ୍ୟ ଅଧିକ। ଏହାର କିଲୋପ୍ରତି ୪ରୁ ୫ ହଜାର ଟଙ୍କାରେ ବିକ୍ରି ହୋଇଥାଏ। ଗୋଟିଏ ବଡ଼ ମାଛର ମୂଲ୍ୟ ଲକ୍ଷେ ଟଙ୍କାରୁ ଅଧିକ। ଆମ ରାଜ୍ୟର କେତେକ ସ୍ଥାନରେ ସମୁଦ୍ରରୁ ବଡ଼ ଫାଶ ଜାଲରେ ଏହି ମାଛ ଧରା ହୋଇ ଥାଆନ୍ତି। ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଏହାର ଡାକନାମ ତେଲିଆ। ଇଂରାଜୀ ନାମ କ୍ରୋକର ବା ସ୍ପଟେଡ କ୍ରୋକର୍। ଏହାର ବିଜ୍ଞାନ ନାମ ପ୍ରୋଟନବିଅନ ଡାଇକନଥେସିସ୍। ଧାମରା, କସିଆ, ଦୀଘା ଆଦି ଅଞ୍ଚଳରେ ସମୁଦ୍ରରେ ଧରାଯାଇ ଥାଆନ୍ତି। ଧାମରା ମାଛଧରା ବନ୍ଦରରେ ବିଭିନ୍ନ ବର୍ଷରେ ଧରା ହୋଇଥିବା ତେଲିଆ ମାଛର ପରିମାଣ କିଛି କମ୍ ନୁହେଁ। ଗଭୀର ସମୁଦ୍ରକୁ ଗିଲନେଟ୍ ଓ ଟ୍ରଲର୍ ନେଇ ଯାଉଥିବା ମତ୍ସ୍ୟଜୀବୀମାନେ ଏହାକୁ ଧରିଥାଆନ୍ତି। ସ୍ଥାନୀୟ ତଥା ରାଜ୍ୟ ବଜାର ଅପେକ୍ଷା ପଡ଼ୋଶୀ ପଶ୍ଚିମବଙ୍ଗ, ହାୱଡ଼ା, ଦୀଘା, ସିଲିଗୁଡି, ଆସାମ ବଜାରକୁ ଏହି ମାଛ ପଠାଇ ମତ୍ସ୍ୟଜୀବୀମାନେ ଲାଭବାନ ହୋଇଥାଆନ୍ତି । ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଓ ତହସିଲ ଅଧୀନସ୍ଥ ଧାମରା ମାଛଧରା ଜେଟିର ବିଭିନ୍ନ ମାଛଧରା ବେସ୍‌ରେ ଏମାନଙ୍କୁ କେବେ କେବେ ସମୁଦ୍ରରୁ ଧରା ହୋଇଥାଏ। ଗୋଟିକର ଓଜନ ୨୫ କିଲୋରୁ ବେଶୀ ବୋଲି ଜଣାଯାଇଛି। ସମୁଦ୍ରରୁ ମିଳୁଥିବା ମାଛମାନଙ୍କ ମଧ୍ୟରେ ଦାମିକା ମାଛ ତେଲିଆ ଶୀଳା ବା ତେଲିଆକୁ ତରକାରୀ ଅପେକ୍ଷା ଔଷଧୀୟ, ମଦ୍ୟଶିଳ୍ପ ତଥା ମହିଳା ପ୍ରସାଧନ ଶିଳ୍ପରେ ବ୍ୟବହାର ହୋଇଥାଏ। ପ୍ରଶାନ୍ତ ମହାସାଗର ଓ ଭାରତ ମହାସାଗରେ ଏମାନେ ସାଧାରଣତଃ ଦେଖାଯାଆନ୍ତି। ବଙ୍ଗୋପସାଗରେ ଏମାନଙ୍କର ପରିମାଣ କିଛି କମ୍ ନୁହେଁ। ଏହି ମାଛ ଗଭୀର ସମୁଦ୍ରରେ ରହୁଥିଲେ ମଧ୍ୟ ଅଣ୍ଡା ଦେବାକୁ ମୁହାଣକୁ ଆସି ଥାଆନ୍ତି ଓ ମତ୍ସ୍ୟଜୀବୀଙ୍କ ଜାଲରେ ପଡ଼ିଥାଆନ୍ତି। ଅଧିକ ଦାମ ପାଇଁ ଏହି ମାଛର ହୃତ୍‌ପିଣ୍ଡକୁ ସମୁଦ୍ର ସ୍ୱର୍ଣ୍ଣ କୁହାଯାଏ। ସିଙ୍ଗାପୁର, ମାଲେସିଆ, ଇଣ୍ଡୋନେସିଆ, ହଙ୍ଗକଙ୍ଗ ଓ ଜାପାନରେ ଏହି ମାଛର ଚାହିଦା ଯଥେଷ୍ଟ ରହିଛି । ମାଈମାଛ ଅପେକ୍ଷା ଅଣ୍ଡିରା ମାଛର ଚାହିଦା ଅଧିକ। ଏସିଆ ମହାଦେଶର କେତେକ ଅଞ୍ଚଳରେ ପାରମ୍ପରିକ ଟନିକ ପ୍ରସ୍ତୁତିରେ ଏହାର ତେଲ ଓ ଚର୍ବି ଲାଗିଥାଏ । ଏହି ମାଛକୁ ଖଣ୍ଡଖଣ୍ଡ କରି ଟାଣ ଖରା ବଦଳରେ ନରମ ଖରାରେ ଶୁଖାଇ ଏହା ଚର୍ବି ଅଂଶକୁ ସଂରକ୍ଷିତ କରାଯାଇଥାଏ। ଏଥିରୁ କେତେକ କ୍ୟାପସୁଲର ଉପର କୋଷ ତିଆରି ହେବା କଥା ମଧ୍ୟ ଜଣାଯାଇଛି।

**ଭ୍ରମଣଶୀଳ ମାଛ:** ବମ୍ବେଡକ୍ ମାଛଟି ହୁଏତ କାହାରି ପାଇଁ ଅପରିଚିତ ହୋଇ ନପାରେ। ମାତ୍ର ଏକଥା ହୁଏତ ଅନେକେ ଜାଣି ନଥିବେ ଯେ, ଏହା ହେଉଛି ବୁଲାଟିଆ ମାଛ ବା ଭ୍ରମଣଶୀଳ ମାଛ। ଗୋଟିଏ ସ୍ଥାନରେ ଅଟକି ରହିବା ଏମାନଙ୍କ ପକ୍ଷରେ ସହଜରେ ସମ୍ଭବ ହୋଇ ନଥାଏ। ଆରବ ସାଗରରୁ ବଙ୍ଗୋପସାଗର ପୁଣି ବଙ୍ଗୋପ ସାଗରର ଓଡ଼ିଶା ଉପକୂଳ ଧାମରା। ଏହା ଏକ ଅତି ବିଶାଳ ଗତିପଥ। ପ୍ରାୟ ୧୬ ଇଞ୍ଚ ଲମ୍ବର ଏହି ମାଛ ଏତେ ଦୂର କିପରି ଯାତ୍ରାକରେ ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ବିଗତ କିଛିବର୍ଷ ହେବ ବିଭିନ୍ନ କାରଣରୁ ଧାମରା ମାଛଧରା ବନ୍ଦରକୁ ଇଲିଶମାନେ ବାଟ ହୁଡ଼ିଥିବା ବେଳେ ଅଧିକ ପରିମାଣର ବମ୍ବେଡକ୍ ଆସିବା ନିଶ୍ଚିତ ଭାବରେ ଏକ ଶୁଭ ସୂଚନା। ମୁଖ୍ୟତଃ ପ୍ରଜନନ ସମୟରେ ଆରବ ସାଗରରୁ ବଙ୍ଗୋପସାଗରକୁ ଆସି ଥାଆନ୍ତି। ନଭେମ୍ବରରୁ ଜାନୁଆରି ଶେଷ ପର୍ଯ୍ୟନ୍ତ ସମୁଦ୍ରରୁ ଏହି ମାଛ ଧରାଯାଏ। ଭଦ୍ରକ ଜିଲ୍ଲା ଧାମରାରେ ଏହି ପ୍ରଜାତିର ମାଛ ଦେଖାଯିବାକୁ ନେଇ ବିଭିନ୍ନ କଥା ଶୁଣାଯାଏ। ଯେମିତିକି ସୁନାମୀ ପରେ ବହୁଳ ଭାବେ ଏଠାକୁ ଏମାନଙ୍କର ସୁଅ ଛୁଟିଛି। ସ୍ଥାନୀୟ ଭାଷାରେ ଏହି ମାଛର ଡାକନାମ ନାଉଆ । ଏମାନଙ୍କ ମାଛ ଅପେକ୍ଷା ଶୁଖୁଆର ଯଥେଷ୍ଟ ଚାହିଦା ରହିଛି ଆମ ରାଜ୍ୟ ତଥା ଦେଶ ବାହାରରେ। ଏମାନଙ୍କର ବିଜ୍ଞାନ ନାମ ହାର୍ପଡନ ନେହେରିଅସ। ଏମାନେ ପଶ୍ଚିମ ଗୁଜୁରାଟ, ମୁମ୍ବାଇ, ଆରବ ସାଗରର କଚ୍ଛ, ଭାରତ ମହାସାଗରରୁ ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଧରା ହୋଇଥାଆନ୍ତି । ଏମାନେ ବଙ୍ଗୋପସାଗରରେ ଅଳ୍ପ ପରିମାଣରେ ଦେଖାଯାଆନ୍ତି। ଏହାର ରଙ୍ଗ ବାଦାମୀ କିମ୍ବା ଧୂସର ହୋଇଥାଏ। ଏମାନଙ୍କ ଶରୀରରେ ଅଧିକ ପରିମାଣର ଜଳ ରହିଥାଏ। ଏହାର ଶରୀର ପତଳା। ଏମାନେ ସର୍ବାଧିକ ୧୬ ଇଞ୍ଚ ଲମ୍ବ ପର୍ଯ୍ୟନ୍ତ ବଢ଼ିଥାନ୍ତି। ଏମାନଙ୍କର ପାଟି ବଡ, ଦାନ୍ତ ତୀକ୍ଷ୍ଣ ଓ ମୁନିଆ। ବିଭିନ୍ନ ପ୍ରକାର ଶାମୁକା ଓ ଛୋଟମାଛ ଏମାନଙ୍କର ଖାଦ୍ୟ। ଏଥିରେ ଓମେଗା-୩ ପଲି ଅନସାଚୁରେଟେଡ ଫ୍ୟାଟି ଏସିଡି ଓ ଲିପିଡି ରହିଛି। ପ୍ରତି ୧୦୦ଗ୍ରାମ ବମ୍ବେଡକ୍ ଶୁଖୁଆରେ ୧୯.୧ ମିଲିଗ୍ରାମ ଲୌହ ଅଂଶ ରହିଛି। ବମ୍ବେଡକ୍‌ର ନାମକରଣକୁ ନେଇ ଏକ ରୋଚକ କଥା ଶୁଣିବାକୁ ମିଳିଥାଏ। ଇଂରେଜ ଶାସନ କାଳରେ ଆମ ଦେଶରେ ଏହାର ଶୁଖୁଆ ରେଳରେ ପଠାଯାଉଥିଲା। ଏହା ବମ୍ବେ ମେଲ ବା ଡାକ ଗାଡିରେ ଏକା କମ୍ପାର୍ଟମେଣ୍ଟରେ ଯାଉଥିବା ହେତୁ ଅନ୍ୟାନ୍ୟ ଦ୍ରବ୍ୟସାମଗ୍ରୀ ଯଥା- ଖବରକାଗଜ ଓ ଡାକ ଚିଠି ମଧ୍ୟ ଦୁର୍ଗନ୍ଧ କରୁଥିଲା। ଇଂରେଜ ଅଧିକାରୀମାନେ ଏହାକୁ ବମ୍ବେଡାକ୍ ବୋଲି କହୁଥିଲେ। ପରେ ଏହା ଅପଭ୍ରଂଶ ହୋଇ ବମ୍ବେଡକ୍ ହୋଇଥିବା ଅନୁମେୟ। ଏହି ମାଛକୁ ନେଇ ରହିଛି ଏକ କ୍ଷୁଦ୍ର ଇତିହାସ। ରବର୍ଟ କ୍ଲାଇବ ତାଙ୍କର ବେଙ୍ଗଲ ଅଧିକାର ସମୟରେ ପ୍ରଥମକରି ଏହାର ସ୍ୱାଦ ଚାଖିଥିଲେ। ପରେ ଏହା ଉପରେ ପ୍ରଥମେ କର ବସାଇଥିଲେ ।

**ଶାଙ୍କୁଚ:** ଶାଙ୍କୁଚକୁ କେହିକେହି ମାଛ ବୋଲି କହୁଥିବା ବେଳେ ଆଉ କେହି ଏହା ସାମୁଦ୍ରିକ ଜୀବ ବୋଲି କହିଥାନ୍ତି। ଏକ ବୃହତ୍ ଠିକିରି (ତାସକାର୍ଡର ଚିହ୍ନ) ପଛରେ ଗୋଟିଏ ଲମ୍ବା ଦଉଡ଼ି ଭଳି ଲାଞ୍ଜ। ସେଥିଲାଗି ଏହାକୁ ଅନେକେ ମାଛ ବୋଲି କହି ନଥାନ୍ତି। ତେବେ ମତ୍ସ୍ୟଜୀବୀ ତଥା ମତ୍ସ୍ୟ ଗବେଷକଙ୍କ ଦୃଷ୍ଟିରେ ଏହା ଏକ ପ୍ରଜାତିର ମାଛ। ଏହା ଗଭୀର ସମୁଦ୍ରରେ ରହେ। ଖୁବ୍ କମ୍ ମଧୁର ଜଳକୁ ଆସେ। ମୁଖ୍ୟତଃ ଖାଦ୍ୟ ଅନ୍ୱେଷଣରେ ଏହା ମୁହାଣ ନିକଟବର୍ତ୍ତୀ ହୋଇଥାଏ। ଆଉ ସେହି ସମୟରେ ଧୀବରର ଜାଲରେ ଧରା ପଡ଼ିଥାଏ। ଧାମ୍‌ରା ଅଞ୍ଚଳରେ କେବେକେବେ ବୃହତ୍ ଶାଙ୍କୁଚ ମାଛ ଜାଲରେ ପଡ଼ିଥିବାର ନଜିର ରହିଛି। ଏହାକୁ ଧାମରାରୁ ଦୀଘା ଦେଇ ଚୀନକୁ ରପ୍ତାନୀ କରାଯାଏ। ଓଡ଼ିଶାରେ ଶାଙ୍କୁଚ ମାଛକୁ ଖାଦ୍ୟ ଭାବରେ ବ୍ୟବହାର କରାଯାଇଥିବାର ଦୃଷ୍ଟାନ୍ତ ପ୍ରାୟତଃ ନାହିଁ। ତେବେ ଏହାର ଲାଞ୍ଜର ବହୁ ଚାହିଦା ରହିଛି। ତନ୍ତ୍ରଶାସ୍ତ୍ରରେ ଶାଙ୍କୁଚ ଲାଞ୍ଜର ବ୍ୟବହାର କଥା ଉଲ୍ଲେଖ କରାଯାଇଛି। ଲୋକମାନେ ଭୂତପ୍ରେତ ଛଡାଇବା ଓ କୁଦୃଷ୍ଟିରୁ ରକ୍ଷା ପାଇବାକୁ ବ୍ୟବହାର କରନ୍ତି। ତେବେ ଚୀନ୍‌ରେ ଏହାର ସୁପ୍ ଓ ପକୋଡାର ବହୁ ଆଦର ରହିଛି। ଭାରତର ଦାକ୍ଷିଣାତ୍ୟରେ କେତେକ ସ୍ଥାନରେ ଏହାକୁ ଖାଦ୍ୟ ଭାବରେ ବ୍ୟବହାର କରାଯାଇଥାଏ।

**କେରଳରୁ ମିଳିଥିବା ବିରଳ ମାଛ:** କେରଳ ଉପକୂଳରୁ ଭାରତୀୟ ଏବଂ ବ୍ରିଟିଶ୍ ଗବେଷକମାନେ ଏକ ବିରଳ ପ୍ରଜାତିର ମାଛ ଠାବ କରିଥିଲେ। ତାହାକୁ ସେମାନେ ସ୍ନେକହେଡ ଫିସ୍ ପ୍ରଜାତିରେ ତାଲିକାଭୁକ୍ତ କରିବା ସହିତ ଏହାର ନାମ ରଖିଥିଲେ 'ଆନିଗ୍‌ମାକାନା ଗୁଲ୍ଲୁମ୍'। 'ଗୁଲ୍ଲୁମ' ଶବ୍ଦଟିକୁ ସେମାନେ 'ଦି ଲର୍ଡ଼ ଅଫ୍ ଦି ରିଙ୍ଗ୍‌ସ' ଫିଲ୍ମରୁ ଆଣିଥିଲେ। 'ଗୁଲ୍ଲୁମ' ଶବ୍ଦଟି ମୁଖ୍ୟତଃ ରହସ୍ୟଜନକ ଜୀବଙ୍କୁ ପ୍ରତିନିଧିତ୍ୱ କରିଥାଏ। ଗବେଷକଙ୍କ କହିବା ଅନୁଯାୟୀ ଯେଉଁ ପ୍ରଜାତିର ମାଛ ଠାବ କରାଯାଇଛି ତାହା ମଧ୍ୟ କିଛି କମ୍ ରହସ୍ୟମୟ ନୁହେଁ। ଏହା ହେଉଛି ସମ୍ପୂର୍ଣ୍ଣ ଏକ ନୂଆ ପ୍ରଜାତିର ମାଛ। ୨୦୧୮ ମସିହାରେ କେରଳରେ ଭୟଙ୍କର ବନ୍ୟା ହୋଇଥିଲା। ବନ୍ୟା ସମୟରେ ମାଛଟି ଉପରକୁ ଚାଲିଆସି ଏକ ଧାନକ୍ଷେତରେ ଆଶ୍ରୟ ନେଇଥିଲା।







# ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଚିକ୍‌ମଗାଲୁର

**କର୍ଣ୍ଣାଟକର ଚିକ୍‌ମଗଲୁର ଜିଲ୍ଲାରେ ଅବସ୍ଥିତ ଚିକ୍‌ମଗଲୁର ହେଉଛି ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏହି ସ୍ଥାନରେ ରହିଛି ଅନେକ ଦର୍ଶନୀୟସ୍ଥାନ। କୋଳାହଳରୁ ଦୂରରେ ଥିବା ଏହି ସ୍ଥାନରେ ନିରୋଳାରେ ଟିକେ ସମୟ ବିତାଇବା ପାଇଁ ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କର ଗହଳି ଲାଗି ରହିଥାଏ...**

କର୍ଣ୍ଣାଟକର ଚିକ୍‌ମଗଲୁର ଜିଲ୍ଲାରେ ଥିବା ଚିକ୍‌ମଗଲୁର୍ ହେଉଛି ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ଅନେକ ଦର୍ଶନୀୟ ସ୍ଥାନ। ପାହାଡ଼, ଜଙ୍ଗଲ, ଝରଣା, ହ୍ରଦର ଆକର୍ଷଣରେ ଆକର୍ଷିତ ଏହି ସ୍ଥାନରେ ରହିଛି ପ୍ରସିଦ୍ଧ ମୁଲ୍ଲାୟାନ୍ ଗିରି; ଯାହା ହେଉଛି ସ୍ଥାନୀୟ ଅଞ୍ଚଳର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ। କେବଳ ଏତିକି ନୁହେଁ ଏଠାରେ ଥିବା ଅନେକ ପାର୍କ ତଥା ଆଧ୍ୟାତ୍ମିକ ପୀଠ ବି ପର୍ଯ୍ୟଟକ ବୁଲି ଦେଖିପାରିବେ।



### * କ'ଣ ସବୁ ରହିଛି ଏଠାରେ

ଚିକ୍‌ମଗଲୁର ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଯେମିତିକି: ମୁଲାୟାନ ଗିରି, ବାବା ବୁଦନଗିରି ପର୍ବତ, ଆୟାନାକେରେ ହ୍ରଦ, ଭଦ୍ରା ବନ୍ୟପ୍ରାଣୀ ଅଭୟାରଣ୍ୟ, କୁଦ୍ରେମୁଖ ଜାତୀୟ ଉଦ୍ୟାନ, ଭଦ୍ରା ଡ୍ୟାମ୍, ହୋରାନାଡୁ ଓ ସ୍ରିଙ୍ଗେରୀ ନାମରେ ଦୁଇଟି ତୀର୍ଥ ସ୍ଥାନ, ୟଗତି ମଲ୍ଲିକାର୍ଜୁନ ମନ୍ଦିର, ବେଲୁର୍ ଓ ହାଲେବେଦୁ, ଜଙ୍କଲ୍ ପାର୍କ, ଇକୋ ଟୁରିଷ୍ଟ ସ୍ପଟ୍, ଗୁମ୍ଫା ମନ୍ଦିର, ଭ୍ୟୁ ପଏଣ୍ଟ୍ ଇତ୍ୟାଦି ହେଉଛି ସ୍ଥାନୀୟ କେତେକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ।

### * ଆଉ କ'ଣ ଖାସ୍ ରହିଛି ଏଠାରେ

କଳା ସଂସ୍କୃତିକୁ ଭଲ ପାଉଥିବା ଚିକ୍‌ମଗଲୁରବାସୀ ବି ବେଶ୍ ନାଟକପ୍ରେମୀ ହୋଇଥାନ୍ତି। ସେଥିପାଇଁ ଏଠାରେ କେତେକ ଥିଏଟର୍ ଦେଖିବାକୁ ମିଳିଥାଏ। ପର୍ଯ୍ୟଟକ ଚାହିଁଲେ ଉକ୍ତ ଥିଏଟର୍ ଆଡ଼େ ବି ବୁଲି ଯାଇପାରିବେ। ଅନ୍ୟପକ୍ଷେ ଶପିଂ ପାଇଁ ବି ଏଠାରେ ରହିଛି ଅନେକ ମାର୍କେଟ୍; ଯେଉଁଠାରୁ ପର୍ଯ୍ୟଟକ ନିଜ ପସନ୍ଦ ମୁତାବକ ଜିନିଷ ବେଶ୍ ସୁଲଭ ମୂଲ୍ୟରେ କିଣି ପାରିବେ।

### * ଚିକ୍‌ମଗଲୁରର ଅର୍ଥନୀତି

ଚିକ୍‌ମଗଲୁରରେ ମୁଖ୍ୟତଃ କଫି ଉତ୍ପାଦନ ଭଲ ହୋଇଥାଏ। ଏହା ବାହାରକୁ ରପ୍ତାନୀ ମଧ୍ୟ ହୁଏ। ତେଣୁ ଚିକ୍‌ମଗଲୁରର ଅର୍ଥନୀତି ମୁଖ୍ୟତଃ କଫି ଚାଷ ଉପରେ ନିର୍ଭର କରିଥାଏ। ତା'ଛଡ଼ା ପର୍ଯ୍ୟଟନରୁ ମଧ୍ୟ ଏହି ଅଞ୍ଚଳ ଅନେକ ଫାଇଦା ପାଇଥାଏ। ତେଣୁ ପର୍ଯ୍ୟଟକ ଚାହିଁଲେ ଏଠାରେ ଥିବା କଫି ବଗିଚା ଆଡ଼େ ମଧ୍ୟ ବୁଲି ଯାଇ କିଛିଟା ନିଆରା ଅନୁଭୂତି ଲାଭ କରିପାରିବେ।



### * କ'ଣ ଖାଇବେ

ଚିକ୍‌ମଗଲୁରର ସ୍ଥାନୀୟ ଭୋଜନ ମାଲନଡ ବ୍ୟଞ୍ଜନ ଭାବେ ପରିଚିତ। ବିଶେଷକରି ମସଲାଦାର ବ୍ୟଞ୍ଜନ ଏଠାକାର ଲୋକଙ୍କର ଖୁବ୍ ପ୍ରିୟ। ଭାତ ଓ ମାଛ ତରକାରୀ ସ୍ଥାନୀୟ ଲୋକେ ଖାଇବାକୁ ବହୁତ ପସନ୍ଦ କରିଥାନ୍ତି। ତା'ଛଡ଼ା ଅକ୍କି ରୋଟି, କକଡ, ନେନ୍ଦ୍ରାନ ଚିପ୍ସ (କଦଳୀର ଏକପ୍ରକାର ଚିପ୍ସ) ବି ଏଠାରେ ଭଲ ବିକ୍ରି ହୋଇଥାଏ। ପଇଡ଼ ପାଣି ପିଇବାକୁ ମଧ୍ୟ ସ୍ଥାନୀୟ ଲୋକେ ଖୁବ୍ ଭଲ ପାଆନ୍ତି। ତା'ଛଡ଼ା ଏଠାରେ ଯେହେତୁ କଫି ଭଲ ଚାଷ ହୋଇଥାଏ, ତେଣୁ କଫି ପିଇବାର ମଜା ହିଁ ଏଠି ବେଶ୍ ନିଆରା ଲାଗେ।



### * କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବା ପାଇଁ ସୁବିଧା ରହିଛି। କିନ୍ତୁ ବର୍ଷାଦିନେ ଯଦି ଏଠାକୁ ବୁଲିଯିବା ପାଇଁ ପ୍ଲାନିଂ କରୁଛନ୍ତି, ତା'ହେଲେ ଟିକେ ସାବଧାନତା ଅବଲମ୍ବନ କରିବାକୁ ହେବ। କାରଣ ଏଠାରେ ଥିବା ପାହାଡ଼ ପର୍ବତ ବୁଲିବାବେଳେ ବର୍ଷାରେ ଗୋଡ଼ ଖସିଯିବାର ସମ୍ଭାବନା ରହିଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଟ୍ରେନ୍ ହେଉ ଅବା ବସ୍ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଆରାମରେ ଏଠାରେ ପହଞ୍ଚି ବୁଲିପାରିବେ।



## ଘରେ ରଖିବା ବଡ଼ ଅଶୁଭ

* ବାସ୍ତୁଶାସ୍ତ୍ର ଅନୁଯାୟୀ, ଦର୍ପଣ ହେଉଛି ଏକ ଶକ୍ତିଶାଳୀ ତତ୍ତ୍ୱ; ଯାହା ସକାରାତ୍ମକ ଉର୍ଜାକୁ ଆକର୍ଷିତ କରିବା ସହ ଧନକୁ ବି ପ୍ରଭାବିତ କରିଥାଏ। ତେଣୁ କାଚରେ ତିଆରି ଘରସଜ୍ଜା ସାମଗ୍ରୀକୁ ଘରେ ରଖିବା ଶୁଭ। କିନ୍ତୁ ଭାଙ୍ଗି ଯାଇଥିବା କାଚ କି ଦର୍ପଣକୁ ମୁହୂର୍ତ୍ତକ ପାଇଁ ବି ଘରେ ରଖିବା ଶୁଭଙ୍କର ନୁହେଁ। ଏହା ସମ୍ପର୍କରେ ତିକ୍ତତା ଆଣିବା ସହ ପ୍ରଗତିରେ ବାଧା ସୃଷ୍ଟି କରେ ବୋଲି ବିଶ୍ୱାସ କରାଯାଏ।

* ଘରେ କୌଣସି ଜଙ୍ଗଲୀ ପ୍ରାଣୀ ଯେମିତି କି ବାଘ, ସିଂହ, ଭାଲୁ, ସାପ, ପେଚା ଆଦିଙ୍କର ଫଟୋ କି ଚିତ୍ର ରଖିବା ବି ଠିକ୍ ନୁହେଁ। ଏହା ପରିବାର ସଦସ୍ୟଙ୍କ ମନରେ ଡର, ଏକଲାପଣର ଭାବନା ସୃଷ୍ଟି କରିଥାଏ।

* ଏହା ବଦଳରେ ସୁନ୍ଦର ପ୍ରାକୃତିକ ଦୃଶ୍ୟ କିମ୍ବା ପକ୍ଷୀମାନଙ୍କର ସୁନ୍ଦର ଫଟୋ ହେଉ କି ଚିତ୍ର ଲଗାଇପାରିବେ।

* କାକଟସ୍ ଭଳି କଣ୍ଟା ଜାତୀୟ ଉଦ୍ଭିଦକୁ ଘରେ ରଖିବା ଆଦୌ ଠିକ୍ ନୁହେଁ। ଏହା ପରିବାରବର୍ଗଙ୍କ ମନରେ ଚିଡ଼ିଚିଡ଼ାପଣ, ଝଗଡ଼ା ଭଳି ନକାରାତ୍ମକତା ସୃଷ୍ଟି କରିଥାଏ। କିନ୍ତୁ ଗୋଲାପ ଗଛ କଣ୍ଟାଜାତୀୟ ହେଲେ ବି ଏହାକୁ ଘରେ ରଖିପାରିବେ।

* କାନ୍ଦୁଥିବା ଶିଶୁ, ସମୁଦ୍ରରେ ଝଡ଼ ସୃଷ୍ଟି ହେଉଥିବାର ଚିତ୍ର, ଯୁଦ୍ଧର ଫଟୋ ଅଥବା ଏକାକୀ ଗୋଟିଏ ପକ୍ଷୀ ବସିଥିବାର ପେଣ୍ଟିଂକୁ ବି ଘରେ ଲଗାଇବା ଠିକ୍ ନୁହେଁ। ଏହା ମନରେ ନକାରାତ୍ମକ ଭାବ ସୃଷ୍ଟି କରିଥାଏ।

* ଖରାପ କିମ୍ବା ବନ୍ଦ ହୋଇଯାଇଥିବା ଘଣ୍ଟାକୁ ବି ଘରେ ରଖିଲେ ପରିବାରର ସୁଖଶାନ୍ତି ଉପରେ କୁ-ପ୍ରଭାବ ପଡ଼ିଥାଏ।

# ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍: ରୋହିତ ଶର୍ମା ନଂ.୨ ବ୍ୟାଟର୍



ଦୁବାଇ: ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ଜାରି ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ କ୍ୟାପ୍‌ଟେନ୍ ରୋହିତ ଶର୍ମା ବିନା ମ୍ୟାଚ୍ ଖେଳି ନମ୍ବର-୨ ବ୍ୟାଟର୍ ହୋଇଛନ୍ତି। ତାଙ୍କର ରେଟିଂ ପଏଣ୍ଟ ୭୫୬ ରହିଛି। ଓ୍ୱେଷ୍ଟଇଣ୍ଡିଜ୍ ଗସ୍ତରେ ପାକିସ୍ତାନୀ ବ୍ୟାଟର୍ ବାବର ଆଜମ୍‌ଙ୍କ ଖରାପ ପ୍ରଦର୍ଶନର ଲାଭ ରୋହିତଙ୍କୁ ମିଳିଛି। ବାବର ୩ ମ୍ୟାଚ୍‌ର ସିରିଜ୍‌ରେ ମାତ୍ର ୫୬ ରନ୍ ହିଁ କରିପାରିଥିଲେ। ଏହି କାରଣରୁ ସେ ଦ୍ୱିତୀୟରୁ ତୃତୀୟ ସ୍ଥାନକୁ ଖସିଆସିଛନ୍ତି। ବ୍ୟାଟର୍ ଲିଷ୍ଟରେ ଶୁଭମନ୍ ଗିଲ୍ ୭୮୪ ରେଟିଂ ପଏଣ୍ଟ ସହ ନମ୍ବର-୧ରେ ସ୍ଥିର ଅଛନ୍ତି। ଅନ୍ୟପକ୍ଷରେ ବିରାଟ କୋହଲି (୭୩୬) ଲିଷ୍ଟର ଚତୁର୍ଥ ସ୍ଥାନରେ ରହିଛନ୍ତି। ଅନ୍ୟତମ ଭାରତୀୟ ବ୍ୟାଟର୍ ଶ୍ରେୟସ୍ ଆୟର୍ (୭୦୪) ଅଷ୍ଟମ ସ୍ଥାନରେ ସ୍ଥିର ଅଛନ୍ତି। ରୋହିତ ଶର୍ମା ୫ ମାସ ଧରି କୌଣସି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିନାହାନ୍ତି। ଶେଷଥର ପାଇଁ ସେ ମାର୍ଚ୍ଚ ୯ ତାରିଖରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍ ମ୍ୟାଚ୍ ଖେଳିଥିଲେ।

ଦିନିକିଆ ବୋଲିଂ ଲିଷ୍ଟରେ ଓ୍ୱେଷ୍ଟଇଣ୍ଡିଜ୍ ସ୍ପିନର୍ ଗୁଡ଼ାକେଶ ମୋତୀ ୧୨ ସ୍ଥାନର ଲମ୍ଫ ପ୍ରଦାନ କରିଛନ୍ତି। ସେହିପରି ଟିମ୍ ସାଥୀ ଜାୟଡନ୍ ସିଲ୍ସ ୨୪ ସ୍ଥାନ ଉପରକୁ ଉଠି ୩୩ତମ ସ୍ଥାନରେ ପହଞ୍ଚିଛନ୍ତି। ପାକିସ୍ତାନର ଅବରାର ଅହମଦଙ୍କୁ ୫୪ ସ୍ଥାନର ଲାଭ ହୋଇଛି।

ଟି-୨୦ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ରେ ଅଷ୍ଟ୍ରେଲିଆର ଟିମ୍ ଡେଭିଡ୍ ୬ ସ୍ଥାନର ଲାଭ ସହିତ କ୍ୟାରିୟର୍ ଶ୍ରେଷ୍ଠ ଦଶମରେ ପହଞ୍ଚିଛନ୍ତି। ଭାରତର ଅଭିଷେକ ଶର୍ମା ୮୨୯ ରେଟିଂ ପଏଣ୍ଟ ସହ ଶୀର୍ଷରେ ଥିବାବେଳେ ତିଳକ ବର୍ମା (୮୦୪) ଇଂଲଣ୍ଡର ଫିଲ୍ ସଲ୍ଟ (୭୯୧)ଙ୍କୁ ପଛରେ ପକାଇ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି। ଭାରତୀୟ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବ (୭୩୯) ଷଷ୍ଠରେ ରହିଛନ୍ତି। ମଙ୍ଗଳବାର ଅଷ୍ଟ୍ରେଲିଆ ବିପକ୍ଷରେ ୪୧ ବଲ୍‌ରେ ଶତକ ହାସଲ କରିଥିବା ୨୨ ବର୍ଷୀୟ ସାଉଥ୍ ଆଫ୍ରିକା ବ୍ୟାଟର୍ ଡେୱାଲ୍ଡ ବ୍ରେଭିସ୍‌ଙ୍କ ଟି-୨୦ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ରେ ୮୦ ସ୍ଥାନର ଲାଭ ହୋଇଛି। ବ୍ରେଭିସ୍ ୧୨୫ ରନ୍‌ର ଅପରାଜିତ ଇନିଂସ୍ ଖେଳିଥିଲେ ଏବଂ ଏବେ ସେ ୨୧ତମ ସ୍ଥାନରେ ପହଞ୍ଚିଛନ୍ତି। ଭାରତର ରବୀନ୍ଦ୍ର ଜାଡ଼େଜା ଲଗାତାର ୧୭୯ ସପ୍ତାହ ଧରି ନମ୍ବର-୧ ଟେଷ୍ଟ ଅଲ୍‌ରାଉଣ୍ଡର୍ ରହିଛନ୍ତି। ତାଙ୍କ ରେଟିଂ ପଏଣ୍ଟ ୪୦୫ ଥିବାବେଳେ ସଦ୍ୟମ ର୍‍ୟାଙ୍କିଙ୍ଗ୍‌ରେ ଟପ୍-୧୦ ଅଲ୍‌ରାଉଣ୍ଡର୍‌ଙ୍କ ମଧ୍ୟରେ କୌଣସି ପରିବର୍ତ୍ତନ ଘଟିନାହିଁ। ଟେଷ୍ଟ ବୋଲିଂ ର୍‍ୟାଙ୍କିଙ୍ଗ୍‌ରେ ଭାରତର ଷ୍ଟାର୍ ଫାଷ୍ଟ ବୋଲର୍ ଜସ୍‌ପ୍ରୀତ୍ ବୁମ୍‌ରା ଶୀର୍ଷରେ ସ୍ଥିର ରହିଛନ୍ତି। ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନ୍‌ରୀଙ୍କୁ ଗୋଟିଏ ସ୍ଥାନର ଲାଭ ମିଳିଛି ଏବଂ ସେ ୮୪୬ ରେଟିଂ ପଏଣ୍ଟ ସହ କ୍ୟାରିୟର୍ ଶ୍ରେଷ୍ଠ ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି। ସେ ଅଷ୍ଟ୍ରେଲିଆ କ୍ୟାପ୍‌ଟେନ୍ ପ୍ୟାଟ୍ କମିନ୍ସ (୮୩୮)ଙ୍କୁ ପଛରେ ପକାଇଛନ୍ତି।

## ୩୦୦୦ ମିଟରରେ ବ୍ୟକ୍ତିଗତ ଜାତୀୟ ରେକର୍ଡ ଭାଙ୍ଗିଲେ ଗୁଲ୍‌ବୀର

ନୂଆଦିଲ୍ଲୀ,୧୮/ଏଜେନ୍ସି: ଗୁଲ୍‌ବୀର ସିଂହ ପୁରୁଷ ୩୦୦୦ ମିଟର ରେସ୍‌ର ଅଣ-ଅଲିମ୍ପିକ୍ ଇଭେଣ୍ଟରେ ନିଜ ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ବୁଦାପେଷ୍ଟର ଗ୍ୟୁଲାଇ ଇସ୍ତଭାନ୍ ମେମୋରିଆଲ୍ ହଙ୍ଗେରିଆନ୍ ଆଥ୍‌ଲେଟିକ୍ସ ଗ୍ରାଣ୍ଡପ୍ରିକ୍ସରେ ମଙ୍ଗଳବାର ଗୁଲ୍‌ବୀର୍ ୭ ମିନିଟ୍ ୩୪.୪୯ ସେକେଣ୍ଡ ସମୟ ସହ ପଞ୍ଚମ ସ୍ଥାନରେ ରହିଛନ୍ତି। ଏହା ସହିତ ଚଳିତ ବର୍ଷ ଫେବୃଆରୀରେ ବୋଷ୍ଟନ୍ ବିଶ୍ୱବିଦ୍ୟାଳୟରେ ସ୍ଥାପନ କରିଥିବା ୭:୩୮.୨୬ ସେକେଣ୍ଡର ନିଜ ଜାତୀୟ ରେକର୍ଡରେ ସୁଧାର କରିଛନ୍ତି। ୨୭ ବର୍ଷୀୟ ଆଥ୍‌ଲେଟ୍‌ଙ୍କର ଏହା ୟୁରୋପରେ ପ୍ରଥମ ଟ୍ରାକ୍ ରେସ୍ ଥିଲା। ଏହା ବିଶ୍ୱ ଆଥ୍‌ଲେଟିକ୍ସର କଣ୍ଟିନେଣ୍ଟାଲ୍ ଟୁର୍ ସ୍ୱର୍ଣ୍ଣ ସ୍ତରରେ ପ୍ରତିଯୋଗିତା ଥିଲା। ଏହି ପ୍ରତିଯୋଗିତାରେ କେନିଆର କିପ୍‌ସାଙ୍ଗ୍ ମାଥ୍ୟୁ କିପ୍‌ଚୁମ୍ବା (୭:୩୩.୩୮) ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ମେକ୍ସିକୋର ଏଡୁଆର୍ଡୋ ହେରେରା (୭:୩୩.୫୮), ୟୁଗାଣ୍ଡାର ଓସ୍କାମର ଚେଲିମୋ (୭:୩୩.୯୩) ଏବଂ ଉରୁଗୁଏର ଭାଲେଣ୍ଟିନ୍ ସୋକା (୭:୩୪.୨୮) ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନ ହାସଲ କରିଥିଲେ। ୫୦୦୦ ମିଟର (୧୨:୫୯.୭୭) ଓ ୧୦୦୦୦ ମିଟର (୨୭:୦୦.୨୨)ର ଜାତୀୟ ରେକର୍ଡଧାରୀ ଗୁଲ୍‌ବୀର ଏହି ଦୁଇ ଇଭେଣ୍ଟରେ ବର୍ତ୍ତମାନର ଏସିଆନ୍ ଚାମ୍ପିଅନ୍ ମଧ୍ୟ। ସେ ସେପ୍ଟେମ୍ବର ୧୨ରୁ ୨୧ ତାରିଖ ପର୍ଯ୍ୟନ୍ତ ଟୋକିଓରେ ହେବାକୁ ଥିବା ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍‌ର ପୁରୁଷ ୫୦୦୦ ମିଟର ରେସ୍ ପାଇଁ ପୂର୍ବରୁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।

## ଗିଲ୍ ଜୁଲାଇ ମାସର ଶ୍ରେଷ୍ଠ ଖେଳାଳି



ଦୁବାଇ: ଭାରତୀୟ ଟେଷ୍ଟ କ୍ୟାପ୍‌ଟେନ୍ ଶୁଭମନ୍ ଗିଲ୍‌ଙ୍କୁ ଆଇସିସି ଜୁଲାଇ ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଛି। ଏହି ପୁରସ୍କାର ଦୌଡ଼ରେ ସେ ଇଂଲଣ୍ଡ କ୍ୟାପ୍‌ଟେନ୍ ବେନ୍ ଷ୍ଟୋକ୍ସ ଏବଂ ସାଉଥ୍ ଆଫ୍ରିକା ଅଲ୍‌ରାଉଣ୍ଡର୍ ଓ୍ୱିଆନ୍ ମୁଲ୍ଡର୍‌ଙ୍କୁ ପଛରେ ପକାଇଛନ୍ତି। ଶୁଭମନ୍ ଜୁନ୍‌ରୁ ଅଗଷ୍ଟ ମଧ୍ୟରେ ଇଂଲଣ୍ଡରେ ଖେଳାଯାଇଥିବା ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିରେ ୪ ଶତକ ହାସଲ କରିଥିଲେ।

ମହିଳା ବିଭାଗରେ ଇଂଲଣ୍ଡ ବ୍ୟାଟର୍ ସୋଫିଆ ଡଙ୍କଲୀଙ୍କୁ ଏହି ପୁରସ୍କାର ମିଳିଛି। ସେ ନିଜ ଟିମ୍‌ର ସୋଫି ଏକ୍ଲେଷ୍ଟନ୍ ଏବଂ ଆୟରର୍ଲାଣ୍ଡ କ୍ୟାପ୍‌ଟେନ୍ ଗାବି ଲୁଇସ୍‌ଙ୍କୁ ପଛରେ ପକାଇ ଏହି ପୁରସ୍କାର ହାସଲ କରିଛନ୍ତି।

ଜୁଲାଇରେ ୨୫ ବର୍ଷୀୟ ଗିଲ୍ ୯୪.୫୦ ଆଭରେଜ୍‌ରେ ୩ ଟେଷ୍ଟରେ ୫୬୭ ରନ୍ କରିଥିଲେ। ଏହା ମଧ୍ୟରେ ଗୋଟିଏ ଦ୍ୱିଶତକ ଏବଂ ଦୁଇ ଶତକ ସାମିଲ। ସିରିଜ୍‌ର ଆଉ ଗୋଟିଏ ଶତକ ସେ ଅଗଷ୍ଟରେ ହାସଲ କରିଥିଲେ। ଏହି କାରଣରୁ ଏହାକୁ ଜୁଲାଇର ସ୍କୋର୍‌ରେ ସାମିଲ କରାଯାଇ ନାହିଁ। ଇଂଲଣ୍ଡ ବିପକ୍ଷରେ ଜୁଲାଇରେ ଗିଲ୍ ଲର୍ଡ୍ସ ଟେଷ୍ଟର ଉଭୟ ଇନିଂସ୍‌ରେ ୧୬ ଏବଂ ୬ ରନ୍ କରିଥିଲେ। ଏହା ସତ୍ତ୍ୱେ ବାକି ଦୁଇଟି ଟେଷ୍ଟର ଚାରିଟି ଇନିଂସ୍‌ରେ ସେ ୩ ଶତକ ହାସଲ କରିଥିଲେ। ଗିଲ୍ ସିରିଜ୍‌ର ୫ ଟେଷ୍ଟରେ ମୋଟ ୭୫୪ ରନ୍ ସଂଗ୍ରହ କରିଥିଲେ। ଏହା କୌଣସି ଭାରତୀୟ କ୍ୟାପ୍‌ଟେନ୍‌ଙ୍କ କୌଣସି ଏକ ଟେଷ୍ଟ ସିରିଜ୍‌ରେ ସର୍ବାଧିକ ରନ୍।

ଜୁଲାଇ ମାସକୁ ମିଶାଇ ଗିଲ୍‌ଙ୍କୁ ଚତୁର୍ଥ ଥର ପାଇଁ ଆଇସିସି ପ୍ଲେୟର୍ ଅଫ୍ ଦ ମନ୍ଥ ପୁରସ୍କାର ମିଳିଛି। ଏହା ସହିତ ସେ ସବୁଠୁ ଅଧିକ ଥର ଏହି ପୁରସ୍କାର ଜିତିଥିବା ପୁରୁଷ ଖେଳାଳି ହୋଇଛନ୍ତି। ଗିଲ୍ ଚଳିତ ବର୍ଷ ଫେବୃଆରୀରେ ମଧ୍ୟ ଏହି ପୁରସ୍କାର ଜିତିଥିଲେ। ସେହିପରି ୨୦୨୩ରେ ତାଙ୍କୁ ଦୁଇଥର ପୁରସ୍କାର ମିଳିଥିଲା। ମହିଳା ଖେଳାଳିଙ୍କ ମଧ୍ୟରେ ଅଷ୍ଟ୍ରେଲିଆର ଆସ୍‌ଲେ ଗାର୍ଡନର୍ ଏବଂ ଓ୍ୱେଷ୍ଟଇଣ୍ଡିଜ୍ କ୍ୟାପ୍‌ଟେନ୍ ହେଲି ମାଥ୍ୟୁଜ୍ ୪-୪ ଥର ଏହି ପୁରସ୍କାର ଜିତିସାରିଛନ୍ତି।

ଅନ୍ୟପକ୍ଷରେ ଜୁଲାଇ ମାସର ଶ୍ରେଷ୍ଠ ମହିଳା ଖେଳାଳି ପୁରସ୍କାର ଜିତିଥିବା ଇଂଲଣ୍ଡର ସୋଫିଆ ଡଙ୍କଲୀ ଜୁଲାଇରେ ଭାରତ ବିପକ୍ଷରେ ୪ ଟି-୨୦ ଏବଂ ୩ ଦିନିକିଆ ମ୍ୟାଚ୍ ଖେଳିଥିଲେ। ଟି-୨୦ରେ ସେ ୧୩୪.୫୭ ଷ୍ଟ୍ରାଇକ୍ ରେଟ୍‌ରେ ୧୪୪ ରନ୍ କରିଥିଲେ। ଦିନିକିଆରେ ଏହି ଫର୍ମକୁ ବଜାୟ ରଖି ସେ ୬୩ ଆଭରେଜ୍‌ରେ ୧୨୬ ରନ୍ କରିଥିଲେ।

# ପ୍ରଥମ ମହିଳା ଦିନିକିଆରେ ଭାରତ-ଏ’ ବିଜୟୀ

ବ୍ରିସ୍‌ବେନ୍: ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତ-ଏ ମହିଳା ଟିମ୍ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ବିଜୟୀ ହୋଇଛି। ଟିମ୍ ଅଷ୍ଟ୍ରେଲିଆ-ଏ’କୁ ୩ ଓ୍ୱିକେଟ୍‌ରେ ହରାଇ ଦେଇଛି। ସ୍ଥାନୀୟ ଇୟାନ୍ ହିଲି ଓଭାଲ୍ ଷ୍ଟାଡିୟମ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଅଷ୍ଟ୍ରେଲିଆ ୪୭.୫ ଓଭର୍‌ରେ ୨୧୪ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଭାରତ ୪୨ ଓଭର୍‌ରେ ୭ ଓ୍ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି।

ଅଷ୍ଟ୍ରେଲିଆ ପକ୍ଷରୁ ଏନିକ୍ ଲିୟାରୟଡ୍ ସର୍ବାଧିକ ୯୨ ରନ୍ କରିଥିଲେ। ରେଚଲ୍ ଟ୍ରେନାମ୍ୟାନ୍ ୫୧ ରନ୍‌ର ଯୋଗଦାନ କରିଥିଲେ। ଟିମ୍ ଇଣ୍ଡିଆ ପକ୍ଷରୁ ରାଧା ଯାଦବ ସର୍ବାଧିକ ୩ଟି ଓ୍ୱିକେଟ୍ ନେଇଥିବା ବେଳେ ଟିଟାସ୍ ସାଧୁ ଓ ମିନ୍ନୁ ରାଣୀଙ୍କୁ ୨-୨ ସଫଳତା ମିଳିଥିଲା। ୨୧୫ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଭାରତ ପକ୍ଷରୁ ୟାସ୍ତିକା ଭାଟିଆ ସର୍ବାଧିକ ୫୯ ରନ୍ କରିଥିବା ବେଳେ ଶେଫାଳୀ ବର୍ମା ୩୬ ଏବଂ ଧାରା ଗୁଜ୍ଜର୍ ୩୧ ରନ୍‌ର ଯୋଗଦାନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ



ଲିସି ହାମିଲଟନ୍ ଏବଂ ଏଲା ହେୱାର୍ଡ ୨-୨ ଓ୍ୱିକେଟ୍ ନେଇଥିଲେ। କିମ୍ ଗର୍ଥ, ଟେସ୍ ଫ୍ଲିଣ୍ଟଫ୍ ଏବଂ ସିୟାନା ଜିଞ୍ଜର୍‌ଙ୍କୁ ୧-୧ ସଫଳତା ମିଳିଥିଲା। ଏହା ପୂର୍ବରୁ ଭାରତ-ଏ’ ୩-୦ରେ ଟି-୨୦ ସିରିଜ୍ ନିଜ ନାମରେ କରିଥିଲା। ଟିମ୍ ପ୍ରଥମ ମ୍ୟାଚ୍ ୧୩ ରନ୍, ଦ୍ୱିତୀୟ ମ୍ୟାଚ୍ ୧୧୪ ରନ୍ ଏବଂ ତୃତୀୟ ଟି-୨୦ ଚାରି ରନ୍‌ରେ ଜିତିଥିଲା। ଦିନିକିଆ ସିରିଜ୍ ପରେ ଦୁଇ ଟିମ୍ ମଧ୍ୟରେ ଅଗଷ୍ଟ ୨୧ରୁ ଏକମାତ୍ର ଅନ୍‌ଅଫିସିଆଲ୍ ଟେଷ୍ଟ ମ୍ୟାଚ୍ ଖେଳାଯିବ।

## ଏଲ୍‌ଏସ୍‌ଜିରୁ ଅଲଗା ହେବେ ମେଣ୍ଟର ଜାହିର ଖାନ୍

ଲକ୍ଷ୍ନୌ: ଆଇପିଏଲ୍ ଟିମ୍ ଲକ୍ଷ୍ନୌ ସୁପର୍ ଜାଏଣ୍ଟସ (ଏଲ୍‌ଏସ୍‌ଜି) ମେଣ୍ଟର୍ ଜାହିର ଖାନ୍ ୨୦୨୬ ସିଜନ୍ ପୂର୍ବରୁ ଟିମ୍‌ରୁ ଅଲଗା ହୋଇପାରନ୍ତି। ଟାଇମ୍ସ ଅଫ୍ ଇଣ୍ଡିଆ ଅନୁସାରେ ଏଲ୍‌ଏସ୍‌ଜିର ନୂଆ ମେଣ୍ଟର୍‌ଙ୍କୁ ଆର୍‌ପି-ସଞ୍ଜୀବ ଗୋଏଙ୍କା (ଆର୍‌ପିଏସ୍‌ଜି) ଗ୍ରୁପ୍‌ର ଅନ୍ୟ ଫ୍ରାଞ୍ଚାଇଜିର ତତ୍ତ୍ୱାବଧାନର ବଡ଼ ଭୂମିକା ପ୍ରଦାନ କରାଯିବ। ଜାହିର ଖାନ୍ ୨୦୨୩ରେ ଗୌତମ ଗମ୍ଭୀର ଯିବା ପରେ ଟିମ୍ ସହ ଯୋଡ଼ି ହୋଇଥିଲେ। ଏଲ୍‌ଏସ୍‌ଜି ମାଲିକ ସଞ୍ଜୀବ ଗୋଏଙ୍କା ଏବେ ଦ ହଣ୍ଡ୍ରେଡ୍ ଲିଗ୍ ପାଇଁ ଇଂଲଣ୍ଡରେ ଅଛନ୍ତି। ସେ ଖୁବ୍‌ଶୀଘ୍ର ଜଣେ ଡାଇରେକ୍ଟର ଅଫ୍ କ୍ରିକେଟ୍ ଡାଇରେକ୍ଟରଙ୍କ ଘୋଷଣା କରିବେ। ଏହି ବ୍ୟକ୍ତି ବର୍ଷ ସାରା ଏଲ୍‌ଏସ୍‌ଜିର ଅନ୍ୟ ଫ୍ରାଞ୍ଚାଇଜି ସାଉଥ୍ ଆଫ୍ରିକା (ଏସ୍‌ଏ୨୦) ଲିଗ୍‌ର ଡର୍ବାନ୍ ସୁପର୍ ଜାଏଣ୍ଟସ ଏବଂ ଦ ହଣ୍ଡ୍ରେଡ୍‌ର ମାଞ୍ଚେଷ୍ଟର୍ ଅରିଜିନାଲ୍ସର ବିକାଶ ଉପରେ ନଜର ରଖିବେ। ଜାହିର୍ ଖାନ୍ ଆଇପିଏଲ୍ ୨୦୨୩ ପରେ ପଦ ଛାଡ଼ିଥିବା ଗୌତମ ଗମ୍ଭୀରଙ୍କ ମେଣ୍ଟର୍ ଭୂମିକା ସମ୍ଭାଳିଥିଲେ। ଏହା ସହିତ ସେ ମୋର୍ନେ ମୋର୍କେଲ୍‌ଙ୍କ ଟିମ୍ ଛାଡ଼ିବା ପରେ ବୋଲିଂ କୋଚ୍ ଦାୟିତ୍ୱ ମଧ୍ୟ ତୁଲାଉଥିଲେ। ମୋର୍କେଲ୍ ଭାରତୀୟ ପୁରୁଷ କ୍ରିକେଟ୍ ଟିମ୍‌ରେ ମୁଖ୍ୟ କୋଚ୍ ଗମ୍ଭୀରଙ୍କ ସହ କାମ କରିବା ପାଇଁ ପଦ ଛାଡ଼ିଥିଲେ। ଜାହିର ୨୦୧୮ରୁ ୨୦୨୨ ପର୍ଯ୍ୟନ୍ତ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ସହିତ ରହିଥିଲେ। ପ୍ରଥମେ ସେ କ୍ରିକେଟ୍ ଡାଇରେକ୍ଟର ଥିଲେ, ପରେ ଗ୍ଲୋବାଲ୍ ଡେଭେଲପମେଣ୍ଟ ମୁଖ୍ୟ ଭୂମିକା ତୁଲାଇଥିଲେ। ଉଲ୍ଲେଖଯୋଗ୍ୟ, ୧୪ ଦିନ ପୂର୍ବେ ଏଲ୍‌ଏସ୍‌ଜି ଭରତ ଅରୁଣଙ୍କୁ ନୂଆ ବୋଲିଂ କୋଚ୍ ନିଯୁକ୍ତ କରିଥିଲା। ସୂତ୍ର ଅନୁସାରେ ଅରୁଣ ଡର୍ବାନ୍ ସୁପର୍ ଜାଏଣ୍ଟସ ଏବଂ ଆସନ୍ତା ବର୍ଷରୁ ମାଞ୍ଚେଷ୍ଟର୍ ଅରିଜିନାଲ୍ସ ପାଇଁ ଯୁବ ଫାଷ୍ଟ ବୋଲର୍ ସନ୍ଧାନ ଏବଂ ପ୍ରସ୍ତୁତ କରିବାର ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।
ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email:
mediatejaswini@gmail.com

TARIFF
Full Page B/W-10000
Half Page B/W-5000
Quarter Page B/W- 2500

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର**